
# ବିଜେଡି ପ୍ରାର୍ଥୀଙ୍କ ବିଶାଳ ବାଇକ୍ ଶୋଭାଯାତ୍ରା

ଡେଲାଙ୍ଗ, ୧୮।୪(ସମିସ):



ଡେଲାଙ୍ଗ ବ୍ଲକର ବେରବୋଇ ଓ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତରେ ବିଜେଡିର ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେରବୋଇ ପଞ୍ଚାୟତର ବୁଆଲି ଠାରୁ ବିଶାଳ ବାଇକ୍ ଶୋଭଯାତ୍ରା ବାହାରି ଆଇତିନଡୁଆ, ରାଉତସାହି, ବ୍ରହ୍ମେଶ୍ୱରପୁର, ମଣିଜିପୁର, ମଝିଆ ସାହି, ଗଉଡ ସାହି, ସ୍ୱାଇଁ ସାହି, ଉଦୟପୁର, ଡଁପୁର, ପାଞ୍ଚ ବାଟିଆ ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲା। ବ୍ରହ୍ମେଶ୍ୱରଙ୍କ ମନ୍ଦିର ସନ୍ନିକଟ, ମଝିଆସାହି ସମେତ ବିଭିନ୍ନ ଗ୍ରାମର ମହିଳାମାନେ ବିଧାୟକ ରୁଦ୍ରପ୍ରତାପ ମହାରଥିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।ଶୋଭାଯାତ୍ରାରେ ଶ୍ରୀ ମହାରଥି ଭ୍ରମଣ କରୁଥିବା ବେଳେ ବେରବୋଇ ଗ୍ରାମର ଆରାଧ ବ୍ରହ୍ମେଶ୍ୱର ମନ୍ଦିର ସନ୍ନିକଟରେ ଜଣେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାଟି ଶୋଭାଯାତ୍ରା ଦେଖୁଥାଏ। ବୃଦ୍ଧାଙ୍କୁ ଦେଖି ବାଇକ୍‌ରୁ ଓହ୍ଲାଇ ପାଦଛୁଇ ପ୍ରଣିପାତ କରିଥିଲେ। ବୃଦ୍ଧା ଜଣକ ଟିକେ ମୁରୁକି ହସି ତାଙ୍କୁ ଆର୍ଶିବାଦ କରିବା ସହିତ ଆଉସି ଦେଇ ବାପା ଦିବଙ୍ଗତ ପ୍ରଦୀପ ମହାରଥିଙ୍କ ପରି ହେବାକୁ କହିଥିଲେ। ସେଠାରୁ ଶୋଭାଯାତ୍ରାରେ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତକୁ ଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ବିଜେଡିର ହାତ ମୁଠାକୁ ଟାଣ କରିବା ପାଇଁ ଭୋଟ ଭିକ୍ଷାକରିଥିଲେ।ଏହି ଶୋଭାଯାତ୍ରାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ବେରବୋଇ ପଞ୍ଚାୟତ ସଭାପତି ସୁରେନ୍ଦ୍ର ସ୍ୱାଇଁ, ଦେବରାଜ ସ୍ୱାଇଁ, ନାୟବ ସରପଞ୍ଚ ପ୍ରତିନିଧି ରାଜେଶ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ରାଉତ, ବିନାୟକ ସ୍ୱାଇଁ, ବରିଷ୍ଠ କର୍ମୀ ବାସୁଦେବ ଜେନା, ଯୁବନେତା ବବୁଲ୍ ଦଳାଇ, ପ୍ରଳୟରଞ୍ଜନ ପ୍ରଧାନ, ମହିଳା ସଂଘ ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ, ସମ୍ପାଦିକା ସୁମିତ୍ରା ଦାସ, ପବିତ୍ର ପରିଡ଼ା, ଡମ୍ବରୁ ଦଳାଇ, ବାଲୁଙ୍କେଶ୍ୱର ମହାପାତ୍ର, ଶ୍ରୀପୁରୁଷୋତ୍ତମପୁର ସରପଞ୍ଚ ହିରଣ୍ୟମୟୀ ମହାପାତ୍ର, ସମିତିସଭ୍ୟ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



କଣାସ, ୧୮ ।୪(ସମିସ): କେନ୍ଦ୍ର ଓ ରାଜ୍ୟସରକାର ପରିବେଶ ସୁରକ୍ଷା ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ୱଚ୍ଛ ପରିବେଶ ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଦୃଷ୍ଟି ଦେଉନଥିବାରୁ ରାସ୍ତାସାରା ଅଳିଆ ଆବର୍ଜନା ପଡୁଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। କଣାସ ବ୍ଲକର କଣାସ ପଞ୍ଚାୟତର ବାଲିଘାଇଛକ, ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, କୁଞ୍ଜେଶ୍ୱରୀ ବଜାର, ବସଷ୍ଟାଣ୍ଡ ବଜାର, ଗୋଲାବଜାରରେ ଅଳିଆ ପକାଇବା ପାଇଁ ପଞ୍ଚାୟତ ତରଫରୁ ସ୍ୱତନ୍ତ୍ର ଅଳିଆକୁଣ୍ଡମାନ ନିର୍ମାଣ କରାଯାଇଥିବା ବେଳେ କୁଣ୍ଡଗୁଡିକ ଅଳିଆରେ ପୂର୍ଣ୍ଣ ହୋଇ ରାସ୍ତାକୁ ପବନରେ ଉଡିଯାଉଛି।ଯାହାଦ୍ୱାରା କି ରାସ୍ତାସାରା ଅଳିଆ ଜମାହେଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏସମ୍ପର୍କରେ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କୁ ପଚାରିବାରୁ କିଛିଦିନ ଅନ୍ତରରେ ସବୁକୁଣ୍ଡରୁ ଟାକ୍ଟର ଯୋଗେ ଅଳିଆ ସଫା କରାଯାଉଛି। କିନ୍ତୁ ଦୋକାନିମାନେ ନିଜ ଦୋକାନର ଜରି, କାଗଜ ଏବଂ ବିଭିନ୍ନ ଅଳିଆ ବୋଝ ବୋଝ ଧରି କୁଣ୍ଡରେ ପକାଇ ଦେଉଥିବାରୁ କୁଣ୍ଡଗୁଡିକ ଶୀଘ୍ର ପୂର୍ଣ୍ଣ ହେଇଯାଉଛି। ଯାହାଦ୍ୱାରା କି ଅଳିଆ ପବନରେ ଉଡି ରାସ୍ତାସାରା ହେଉଛି।

## ପାନୀୟ ଜଳ ଯୋଗାଣ ଦାବିରେ ରାସ୍ତା ଅବରୋଧ



ତତ୍‌କ୍ଷଣାତ ହେଲା ସମସ୍ୟାର ସମାଧାନ

ଗୋପ, ୧୮ ।୪(ସମିସ): ଗୋପ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହି ପରିପେକ୍ଷୀରେ ନାଗପୁର ପଞ୍ଚାୟତରେ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ରାଜରାସ୍ତାକୁ ଆସିଛନ୍ତି ଷୋଳପୁର ଗ୍ରାମର ଗ୍ରାମବାସୀ। ଗୁରୁବାର ଗୋପ-ବାଲିଘାଇ ରାସ୍ତା ରାସ୍ତା ଅବରୋଧ କରିବା ପରେ ପ୍ରଶାସନ ପାନୀୟ ଜଳ ସମସ୍ୟାର ତତ୍‌କ୍ଷଣାତ୍ ସମାଧାନ କରି ପାନୀୟ ଜଳ ଯୋଗାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଷୋଳପୁର ଗ୍ରାମରେ ଥିବା ଓଭରହେଡ଼ ପାଣିଟାଙ୍କିରୁ ବିଭିନ୍ନ ଗ୍ରାମକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଥିଲା। ମାତ୍ର ଗତ କିଛିଦିନ ତଳେ ଏହା ଅଚଳ ହୋଇପଡ଼ିଥିବା ବେଳେ ଜଳ ଯୋଗାଣରେ ସମସ୍ୟା ଦେଖାଦେଇଥିଲା। ଏ ନେଇ ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ ଜଳପ୍ରକଳ୍ପ ମରାମତି କରାଯାଇଥିଲେ ମଧ୍ୟ ଆଉ କିଛି ଯନ୍ତ୍ରାଂଶ ମରାମତି ହୋଇନଥିଲା। ଏଭଳି ପାନୀୟ ଜଳ ସମସ୍ୟାକୁ ନେଇ ହଠାତ୍ ଗ୍ରାମବାସୀ ଉତ୍ତେଜିତ ହୋଇ ଗୋପ-ବାଲିଘାଇ ରାସ୍ତାର ଷୋଳପୁର ନିକଟରେ ପ୍ରତିବାଦ କରିବା ସହ ରାସ୍ତା ଅବରୋଧ କରିଥିଲେ। ଏହି ଘଟଣା ଗୋପ ବିଡ଼ିଓ ଛବିରାଣୀ ସାହୁଙ୍କ ନଜରକୁ ଆସିବା ପରେ ତତ୍‌କ୍ଷଣାତ ସମାଧାନ ଦିଗରେ ପଦକ୍ଷେପ ନିଆଯାଇଥିବା ବେଳେ ପାନୀୟ ଜଳ ଯୋଗାଣ କରାଯାଇଥିବା ବିଡ଼ିଓ ଶ୍ରୀମତୀ ସାହୁ କହିଛନ୍ତି।

## ଟିକଟ ପୁନଃବିଚାର କରିବାକୁ ସମୀର ସମର୍ଥକଙ୍କ ଅନୁରୋଧ



ନିମାପଡ଼ା, ୧୮।୪।(ସମିସ):ନିମାପଡ଼ା ସ୍ଥିତ ଗ୍ରୀନଲ୍ୟାଣ୍ଡ ମଣ୍ଡପରେ ଗୁରୁବାର ସମୀରଙ୍କ ସମର୍ଥକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିମାପଡ଼ା-ଗୋପ ନିର୍ବାଚନ ମଣ୍ଡଳୀର ୪୬ ଟି ପଞ୍ଚାୟତ ଓ ନିମାପଡ଼ା ଏନ୍‌ଏସିର କାଉନସିଲର, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଏନ୍‌ଏସି ଉପାଧ୍ୟକ୍ଷ ସରପଞ୍ଚ, ସମିତିସଭ୍ୟ, ବିଜେଡି ଦଳର ସଭାପତି, ସମ୍ପାଦକ, ଯୁବ ଓ ମହିଳା ସଭାପତି, ସଭାନେତ୍ରୀ, ସମ୍ପାଦିକା ଏବଂ ହଜାରହଜାର ସମର୍ଥକ ଯୋଗ ଦେଇଥିଲେ। ସମୀରଙ୍କୁ ବାଦ ଦେଇ ନିକଟରେ ବିଜେପି ଛାଡି ବିଜେଡିରେ ମିଶିଥିବା ଦିଲ୍ଲୀପ ନାୟକଙ୍କୁ ଦଳ ତରଫରୁ ଟିକେଟ ମିଳିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପ୍ରମୁଖ କର୍ମକର୍ତ୍ତା ଏହାର ପୁନଃ ବିଚାର କରି ସମୀରଙ୍କୁ ଟିକେଟ ଦେବାକୁ ବୈଠକରେ ଉପସ୍ଥିତ ନେତା, କର୍ମୀ ଓ ସମର୍ଥକ ନିବେଦନ କରିଛନ୍ତି। ବୈଠକରେ ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ନିର୍ବାଚନ ମଣ୍ଡଳୀର ସମ୍ପାଦକ ରବୀନ୍ଦ୍ର ନାୟକ, ସାଂସଦଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି.ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଉପନଗରପାଳ ସନ୍ତୋଷ ଦାଶ, ନିମାପଡ଼ା ନଗର ସଭାପତି ଜୀବନା ନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର ପ୍ରଧାନ, ବ୍ଲକ ଯୁବ ସଭାପତି ରାକେଶ ବେହେରାଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ପଞ୍ଚାୟତର ସଭାପତି, ସମ୍ପାଦକ ଦଳର ହଜାର ହଜାର ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ।

## ପ୍ରତିଷ୍ଠା ହେଲା ତ୍ରିନାଥଦେବଙ୍କ ଭବ୍ୟ ମନ୍ଦିର



ଅସ୍ତରଙ୍ଗ, ୧୮ ।୪(ସମିସ): ଅସ୍ତରଙ୍ଗ କାକଟପୁର ରାସ୍ତାର ମଲାମାଛ ନିକଟରେ ରହିଛି ବହୁ ପୁରାତନ ଦମକଳ କେନ୍ଦ୍ର। ବନ୍ୟା, ବାତ୍ୟା, ପ୍ରାକୃତିକ ଦୁର୍ବିପାକ, ଅଗ୍ନି କାଣ୍ଡ ପ୍ରତ୍ୟେକ ପରିସ୍ଥିତି ରେ ନିଜ ଜୀବନ କୁ ବାଜି ଲଗାଇ ଏମାନେ ଅନ୍ୟମାନଙ୍କ ଜୀବନକୁ ବଞ୍ଚାଇବାକୁ ସଂଗ୍ରାମ କରନ୍ତି କେବଳ ଜୀବନ ନୁହେଁ ସେମାନଙ୍କ ଧନ ଜୀବନକୁ ସୁରକ୍ଷା ମଧ୍ୟ ଦିଅନ୍ତି। ଦମକଳ କେନ୍ଦ୍ରରେ କର୍ମଚାରୀମାନେ ତ୍ରିନାଥଙ୍କ ଫୋଟୋକୁ ପୂଜା କରିଆସୁଥିଲେ। ଅଗ୍ନିଶମ କର୍ମଚାରୀ ନିଜ ଇଷ୍ଟ ଦେବତାଙ୍କ ପାଇଁ ଏକ ଭବ୍ୟ ମନ୍ଦିରର ନିର୍ମାଣ କରିବା ସଂକଳ୍ପ କରି ନିଜ ନିଜ ଦରମାରୁ କିଛି କିଛି ଅର୍ଥ ଆଦାୟ କରି ଏହି ସ୍ଥାନରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରିବା ସହିତ ପ୍ରଭୁ ତ୍ରିନାଥ ଗୋସେଇଁଙ୍କ ପ୍ରାଣ ପ୍ରତିଷ୍ଠା କରିଛନ୍ତି। ବୈଦିଜ୍ଞ ପଣ୍ଡିତଙ୍କ ଦ୍ୱାରା କଳସ ସ୍ଥାପନ, ସୂର୍ଯ୍ୟପୂଜା, ଗ୍ରହ ମଣ୍ଡଳ ସ୍ଥାପନ, ଭାଗବତ ପୂଜା, ଯଜ୍ଞକାର୍ଯ୍ୟ ସମ୍ପାଦନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଛନ୍ତି। ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଷ୍ଟେସନ ଅଧିକାରୀ ପ୍ରହଲ୍ଲାଦ ରାୟ, ମୁଖ୍ୟ ଆଗ୍ନୀକ ପ୍ରହଲ୍ଲାଦ ସ୍ୱାଇଁ, ଅନାମ ଚରଣ ମଲ୍ଲିକ, ହାବିଲଦାର ତାପସ ରାଉତ, ଫାୟାର ମ୍ୟାନ ରବୀନ୍ଦ୍ର ବାଗ, ସାରଦା ପ୍ରସାଦ ସ୍ୱାଇଁ, ସାରଦା ପ୍ରସାଦ ସ୍ୱାଇଁ, ସଂଗ୍ରାମ ସ୍ୱାଇଁ ଓ ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଲୁଟ୍

ନୟାହାଟ, ୧୮ ।୪(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଚାନ୍ଦପୁରଠାରେ ବେସରକାରୀ ଅର୍ଥ ଲଗାଣ ସଂସ୍ଥାର କର୍ମଚାରୀ ଠାରୁ ବାଇକ୍‌ରେ ଦୁଇ ଜଣ ବ୍ୟକ୍ତି ମରଣାଅସ୍ତ୍ର ଦେଖାଇ ୨୦ ହଜାର ଟଙ୍କା ଛଡାଇ ନେଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ବେ ସରକାରୀ ଅର୍ଥ ଲଗାଣ ସଂସ୍ଥାର ତିନି ଜଣବ୍ୟକ୍ତି ବିଭିନ୍ନ ସମୟରେ ମହିଳା ଗୋଷ୍ଠୀକୁ ଅର୍ଥ ଲଗାଇବାକୁ ଆସିଥାନ୍ତି। ଗୁରୁବାର ଦିନ ୧୨ ଟା ସମୟରେ ବଣହରା ଗ୍ରାମକୁ ଅର୍ଥ ଲଗାଇବା ପାଇଁ ଟଙ୍କା ନେଇ ଆସୁଥିବା ବେଳେ ଦୁଇ ଜଣ ଯୁବକ ହେଲମେଟ ପିନ୍ଧି ବାଇକ୍‌ରେ ଆସି ଚାନ୍ଦପୁର ପାଣି ଟାଙ୍କି ଠାରେ ମରଣାଅସ୍ତ୍ର ଦେଖାଇ ୨୦ ହଜାର ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ। ସେହିପରି ଗତ ତିନି ମାସ ତଳେ ସେହି ଚାନ୍ଦପୁର ଠାରେ ସେହିଯୁବକ ଠାରୁ ଅର୍ଥ ଲଗାଣ ବେଳେ ସେହି ସ୍ଥାନରୁ ଟଙ୍କା ଛଡାଇ ନେଇଥିଲେ। ଆଜି ଟଙ୍କା ଛଡ଼ାଇବା ଘଟଣାରେ ପୁଲିସ ବିଳମ୍ବରେ ପହଞ୍ଚିବାରୁ ଅପରାଧୀ ଖସି ଯାଇଥିଲେ। ଏସମ୍ପର୍କରେ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ପଚାରିବାରୁ ଏତଲାକାରୀଙ୍କ ନାମ ଦେବାକୁ ମନା କରିଦେଇଥିଲେ। ଯାହା ଦ୍ୱାରା ନୟା ହାଟ ଅଞ୍ଚଳରେ ଦୈନନ୍ଦିନ ଚୋରି, ରାହାଜନୀ, ଘଟୁଛି।ଯାହା ଫଳରେ ସାଧାରଣ ଲୋକଙ୍କ ପୁଲିସ ଉପରୁ ଆସ୍ଥା ଭରସା ତୁଟିଯାଉଛି।

## ଓରପଟ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ଚାରିଛକ, ୧୮।୪(ସମିସ): ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ଓରପଟ ଗ୍ରାମର ମା' ଅଲାମଚଣ୍ଡୀଙ୍କ ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଧିବାସ ଦି ଗ୍ରାମର ଶତାଧିକ ଜଳ କଳସୀଧାରି ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରୁ ଜଳ କଳସଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ସୁନାମ୍ୟଧନ ସଂକିର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ନାମ ସଂକିର୍ତ୍ତନ ପରିବେଷଣ କରାଯାଇଥିଲା। ମୁଖ୍ୟ କର୍ତ୍ତା କର୍ତ୍ତି ଭାବେ ସଞ୍ଜୟ କୁମାର ନାୟକ ଓ ତାଙ୍କ ଧର୍ମପତ୍‌ନୀ ପୂଜାକାର୍ଯ୍ୟରେ ଯୋଗଦେଇଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ବିଭିନ୍ନ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

## ପ୍ରାଚୀତଟରେ ଡଃ ଆମ୍ବେଦକରଙ୍କ ସ୍ମୃତିଚାରଣ



ନିମାପଡ଼ା, ୧୮।୪(ସମିସ): ପ୍ରାଚୀମଣ୍ଡଳ ଚୈତ୍ର ନବରାତ୍ର ମହୋତ୍ସବ ପରିଷଦ ମାର୍ଗ ଦର୍ଶନରେ ବାସନ୍ତିକ ଦଶହରା ପାଳନ ଅବସରରେ ପ୍ରାଚୀତଟ ବାଉରୀପୋଖରୀ ଶ୍ୱେତବଟ ମଣ୍ଡପରେ ସ୍ଥାପିତ ଭାରତ ସମ୍ବିଧାନର ପ୍ରଣେତା ଆମ୍ବେଦକରଙ୍କୁ ଶ୍ରଦ୍ଧାସୁମନ ପ୍ରଦାନ ପୂର୍ବକ ତାଙ୍କ ସ୍ମୃତି ଚାରଣ କରାଯାଇଛି। ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ସଭାପତି ବୈଜ୍ଞାନିକ ଶଙ୍କର ପ୍ରସାଦ ଜେନା, ସଦସ୍ୟ ମଙ୍ଗୁବାବା, ସନ୍ତୋଷ କୁମାର କାଣ୍ଡି, ନିରୁପମା କାଣ୍ଡି, କମଳା ସାହୁ, ସବିତା ଦାସ, ସସ୍ମିତା ଦାସ, ରିତା ଦାସ, ଝରଣା କାଣ୍ଡି ପ୍ରମୁଖ ଯୋଗଦେଇ ଭାରତରତ୍ନଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସାମୁହିକ ଶ୍ରୀ ଗୀତ ଗୋବିନ୍ଦ ଗାୟନ କରାଯାଇଛି। ପରିଷଦ ପରିଚାଳନାରେ ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ବାସନ୍ତିକ ଦଶହରା ପର୍ଯ୍ୟନ୍ତ ଚୈତ୍ର ନବରାତ୍ର ମହୋତ୍ସବ ପ୍ରାଚୀତଟରେ ପାଳନ ପୂର୍ବକ ପ୍ରାଚୀତଟ କଳାକାରଙ୍କୁ ସାମୁହିକ ଭଜନ ଜଣାଣ, ଶ୍ରୀଜଗନ୍ନାଥ ଲୀଳାମୃତ ପରିବେଷଣର ସୁଯୋଗ ଦିଆଯାଇଛି। ପରିଷଦର ଏତାଦୃଶ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ତଥା ବିଶ୍ୱହିନ୍ଦୁ ପରିଷଦର ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ବରିଷ୍ଠ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର ପ୍ରମୁଖ ଉଚ୍ଚ ପ୍ରଶଂସା କରିଛନ୍ତି।

## ଲିଟିଲ୍ ଷ୍ଟାର ଗ୍ରୁପ୍‌ର ବ୍ୟକ୍ତିତ୍ୱବିକାଶ କର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର, ୧୮।୪(ସମିସ): ଲିଟିଲ ଷ୍ଟାର୍ ପକ୍ଷରୁ ପିଲାମାନଙ୍କୁ ଖରା ଛୁଟିରେ ପାଠପଢ଼ା ବ୍ୟତୀତ ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଜ୍ଞାନ ପ୍ରଦାନ ଲକ୍ଷ୍ୟରେ ୨୨ ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗ ବିହାରସ୍ଥିତ ଅଭିନେତା ଶ୍ରୀକାନ୍ତ ଗୌତମଙ୍କ ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ମୋ ଆଶାର ଗ୍ରୀଷ୍ମ ସଂଖ୍ୟା' ଅଭିନେତା ଶ୍ରୀକାନ୍ତ ଗୌତମ, ଚିତ୍ରକର ବ୍ରଜ କିଶୋର ଜେନା, ଇଂ ରାଜେଶ୍ୱର ମହାରଣା, ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହସମ୍ପାଦିକା ଉର୍ମିଳା ମହାରଣା ପ୍ରମୁଖ ଉନ୍ମୋଚନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ସହ ଭାବ ବିନିମୟ କରି ନିଜ ପ୍ରତିଭା ବଳରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପାଠପଢ଼ା ସାଙ୍ଗକୁ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିଜ୍ ଉପରେ ମଧ୍ୟ ଧ୍ୟାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ୧୫ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ପାଠପଢ଼ା ସହ ପିଲାମାନଙ୍କୁ ବିଭିନ୍ନ ଶିକ୍ଷଣୀୟବିଷୟରେ ଶିକ୍ଷାଦାନ କରାଯିବ ଏବଂ ଶିକ୍ଷାନୁଷ୍ଠାନ ପରିଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣା ସୂଚନା ଦେଇଛନ୍ତି।

## ଧନୁଆଁ ନଦୀ ନୂତନ ବ୍ରିଜରେ ଯାନବାହନ ଚଳାଚଳ କରିବାକୁ ଦାବି

ନିମାପଡ଼ା, ୧୮।୪(ସମିସ)



ପିପିଲି -ନିମାପଡ଼ା ଓ କାକଟପୁର - କୋଣାର୍କକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଧନୁଆଁ ନଦୀ ଉପରେ ନିର୍ମାଣ ହୋଇଥିବା ବ୍ରିଜ ଉପରେ ଯାନ ବାହନ ଚଳାଚଳ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଧନୁଆଁ ନଦୀ ଉପରେ ଥିବା ବ୍ରିଜଟି ଅତି ପୁରୁଣା ହୋଇ ଦୁର୍ବଳ ହୋଇ ପଡ଼ିଥିବାରୁ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଅନୁରୋଧକୁ ରକ୍ଷାକରି ରାଜ୍ୟ ସରକାରଙ୍କ ତରଫରୁ ଗତ ୪ବର୍ଷ ତଳେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ବ୍ରିଜ ନିର୍ମାଣ କରାଯାଇଥିଲ। ମାତ୍ର ୪ବର୍ଷ ହେବ ନିର୍ମାଣ କାର୍ଯ୍ୟ ସରିଥିବା ଏହି ବ୍ରିଜ କାମରେ ଆସୁନଥିବା ନେଇ ଅଭିଯୋଗ ହେଉଛି। ପୂର୍ବରୁ ଏଠାରେ ଥିବା ବିପଦ ସଂକୁଳ ପୁରୁଣା ବ୍ରିଜ ଉପରେ ଯାନବାହାନ ଚଳାଚଳ କରୁଛି। ଧନୁଆଁ ନଦୀରେ ବନ୍ୟା ଜଳ ଆସିଲେ ପୁରୁଣା ବ୍ରିଜ ଉପରେ ୩ ରୁ ୪ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବାରୁ ନିମାପଡ଼ା-ପିପିଲି ଓ କାକଟପୁର-କୋଣାର୍କ ଆଦି ରାସ୍ତା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଥିଲା। ୨୦୧୭-୨୦୧୮ ମସିହାରେ ପୂର୍ତ୍ତ ବିଭାଗ ପକ୍ଷରୁ ୫କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଧନୁଆଁ ନଦୀ ଉପରେ ଏକ ଉଚ୍ଚତା ବିଶିଷ୍ଟ ବ୍ରିଜ ନିର୍ମାଣ କରାଯାଇଥିଲା। ତେବେ ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟ ୪ବର୍ଷ ହେବ ଶେଷ ହୋଇଥିବା ବେଳେ ବ୍ରିଜର ସଂଯୋଗ ରାସ୍ତା ସମସ୍ୟା ସୃଷ୍ଟି କରିଛି। ନୂତନ ଭାବେ ନିର୍ମିତ ବ୍ରିଜ ଉପରେ ଯାନବାହାନ ଚଳଚଳ ଆରମ୍ଭ ହୋଇପାରୁନାହିଁ। ପୁରୁଣା ବ୍ରିଜଟି ଅଣ ଓସାର ସହିତ ବିପଦ ସଂକୁଳ ହୋଇପଡ଼ିଥିବା ବେଳେ ଉକ୍ତ ବ୍ରିଜ ଉପରେ ହଜାର ହଜାର ସଂଖ୍ୟାର ବିଭିନ୍ନ ଯାନବାହାନ ଚଳାଚଳ କରୁଛି। ତୁରନ୍ତ ସଂଯୋଗ ରାସ୍ତା ନିର୍ମାଣ କରି ବ୍ରିଜ ଉପରେ ଯାନାବହନ ଚଳାଚଳ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

୧୮/୪/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୨,୪୯,୪୪୨/- ସୁନା: ୦୦.୨୫୦ ଗ୍ରାମ୍ ରୁପା: ୦୧.୦୦ ଗ୍ରାମ୍







ଯୁବ ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ

# ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସଂକଳ୍ପ






**ନବୀନଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ କର୍ମୀଙ୍କୁ ଆହ୍ୱାନ**

**ପୁରୀ,୧୮।୪(ସମିସ):** ପୁରୀ ଜିଲ୍ଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଗୁରୁବାର ସ୍ଥାନୀୟ ବଗଲା ଧର୍ମଶାଳା ପରିସରରେ ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ପୁରୀ ଲୋକସଭା ପ୍ରାର୍ଥୀ ଏବଂ ବିଧାନସଭା ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜିତାଇବାକୁ ସମସ୍ତେ ସଂକଳ୍ପ ନେଇଛନ୍ତି।

ରାଜ୍ୟସଭା ସାଂସଦ ମାନ୍ୟବର ଶୁଭାଶିଷ ଖୁଣ୍ଟିଆଙ୍କ ସଂଯୋଜନା ଏବଂ ପୁରୀ ଜିଲ୍ଲା ଯୁବ ଜନତା ଦଳର ସଭାପତି ନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ସହରର ବିଜୁ ଜନତା ଦଳର ସମସ୍ତ ମୁରବୀ ଓ କର୍ମୀ ଯୋଗଦେଇଥିଲେ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଗାଦୀସିନ କରିବା ଲାଗି ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ପୁରୀ ସଦର ବିଧାନସଭା ପ୍ରାର୍ଥୀ ସୁନୀଲ ମହାନ୍ତିଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା। ଏଥିସହ ଜିଲ୍ଲାର ସମସ୍ତ ଦଳୀୟ ପ୍ରାର୍ଥୀଙ୍କ ଜିତାଇବା ଲାଗି ସଂକଳ୍ପ ନିଆଯାଇଥିଲା।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ପ୍ରାର୍ଥୀ ଅରୂପ ଓ ବିଧାନସଭା ପ୍ରାର୍ଥୀ ସୁନୀଲଙ୍କ ସମେତ ସତ୍ୟବାଦୀ ବିଧାନସଭା ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସ ବର୍ମା ଯୋଗଦେଇଥିଲେ। ୨୦୧୯ ନିର୍ବାଚନରେ ପୁରୀ ଓ ବ୍ରହ୍ମଗିରି ବିଧାନସଭା ବିଜେପି ଦଖଲକୁ ଯାଇଥିଲା। ଏଥର ସମସ୍ତ କର୍ମୀ ଏକଜୁଟ ହୋଇ ଉଭୟ ବିଧାନସଭା ଓ ଲୋକସଭା ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଜିତାଇବାକୁ ଉପସ୍ଥିତ ନେତା ଓ କର୍ମୀ ସଂକଳ୍ପ ନେଇଥିଲେ। ପୁରୀରେ ଯାତ୍ରୀ ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନା କରାଯାଇଥିବାବେଳେ ବିରୋଧୀ ମିଥ୍ୟା ପ୍ରଚାର କରୁଛନ୍ତି। ଏଥିପାଇଁ ବିରୋଧୀ ବିଜେପିକୁ କଡା ସମାଲୋଚନା କରାଯାଇଥିଲା। ନିର୍ବାଚନରେ ଯୁବକ ଓ ଛାତ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁରୀ ପୌରପାଳିକା ଅନ୍ତର୍ଗତ ୩୨ଟି ୱାର୍ଡ ଓ ସଦର ବ୍ଲକର ୨୨ଟି ପଞ୍ଚାୟତରେ ପ୍ରତ୍ୟେକ ଛାତ୍ର, ଯୁବ ଓ ବିଜେଡି ନେତା ଏକଜୁଟ ହୋଇ ଡବଲ ଶଙ୍ଖରେ ଭୋଟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟର ଜିତାଇବାକୁ ନେତାମାନେ ଅପିଲ କରିଥିଲେ।

ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ, ଶ୍ରୀକ୍ଷେତ୍ରର ବିକାଶ ପାଇଁ ଆମେ ଡବଲ ଶଙ୍ଖରେ ଭୋଟ ଦେବା। ଗୋଟିଏ ଲୋକସଭା ଏବଂ ଅନ୍ୟଟି ବିଧାନ ସଭା ପ୍ରାର୍ଥୀଙ୍କୁ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ପାଇଁ ଆପଣଙ୍କ ବହୁମୂଲ୍ୟ ଭୋଟ ଗୁରୁତ୍ୱପୂର୍ଣ୍ଣ ବୋଲି ଆହ୍ୱାନ ଦେଇଥିଲେ ଶ୍ରୀ ଖୁଣ୍ଟିଆ। ପୁରୀ ବିଜେଡିକୁ ନେଇ ଅପପ୍ରଚାର ଚାଲିଛି। ଏହାକୁ ନ ଶୁଣି ବିକାଶର ସାଥୀ ହେବା ଲାଗି ସେ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀ ସୁନୀଲ କହିଥିଲେ ଯେ, ପୁରୀରେ ସେ କିମ୍ବା ଅରୂପ ପଟ୍ଟନାୟକ ଲଢୁନାହାନ୍ତି, ଲଢୁଛନ୍ତି ନବୀନ ପଟ୍ଟନାୟକ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ମତଦାନ ଦେବା ପାଇଁ ଅନୁରୋଧ କରିବା ସହ ମହିଳାମାନଙ୍କୁ ତାଙ୍କ ପଣତକାନିରେ ସୁରକ୍ଷା ଦେବା ଲାଗି କହିଥିଲେ ସୁନୀଲ। ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ର ମଧ୍ୟ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ରାମକୃଷ୍ଣ ଦାସ ମହାପାତ୍ର, ସୁରେନ୍ଦ୍ରନାଥ ଦାଶ, ଗୌରହରି ପ୍ରଧାନ, ମହିଳା ନେତ୍ରୀ ବିନୋଦିନୀ ଦାସ, ଶାନ୍ତିଲତା ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ଭଗବାନ ପଡ଼ିଆରୀ, ରବିନାରାୟଣ ସାମନ୍ତରା, ରାମଚନ୍ଦ୍ର ସିଂହାରୀ, ନାରାୟଣ ଖୁଣ୍ଟିଆ, କାଶୀନାଥ ମହାସୁଆର, ଅନନ୍ତ ପ୍ରଧାନ, ବିଶ୍ୱକେତନ ଦାସ, ସୁରେଶ ଚନ୍ଦ୍ର ବାରିକ, ମମତାରାଣୀ ସାହୁ, ଅରୁଣିମା ନନ୍ଦ, ସନ୍ଧ୍ୟାରାଣୀ ଭଞ୍ଜ, ଏ. ତାତାରାଓ, ଭକ୍ତ ଚରଣ ଦାସ, ନାରାୟଣ ପଟ୍ଟନାୟକ, କାଶୀନାଥ ରଣା, ସାଇନା ଖୁଣ୍ଟିଆ, ସୌମ୍ୟରଞ୍ଜନ ମହାନ୍ତି, ଜମ୍ବେଶ୍ୱର ମହାନ୍ତି, ବିଭୂତି ଭୂଷଣ ସେଠୀ, ଦୀପ୍ତି ମିଶ୍ର, ବଳରାମ ରେଡି, ଶୁଚିସ୍ମିତା ସାହୁ, ନୃସିଂହ ସାହୁ, ଶ୍ରୀଧର ଜେନା, ଘନଶ୍ୟାମ ମର୍ଦ୍ଦରାଜ ଓ ରଞ୍ଜିତା ମହାନ୍ତି ପ୍ରମୁଖ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବରେ ବିଜେପିର ପୂର୍ବତନ ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଓ ବର୍ତ୍ତମାନର ପ୍ରଶିକ୍ଷଣ ପ୍ରମୁଖ ବିଭୂତି ଭୂଷଣ ତ୍ରିପାଠୀ ଓ ସିଂହଦ୍ୱାର ମଣ୍ଡଳ ସଭାନେତ୍ରୀ ରାଜଲକ୍ଷ୍ମୀ ନନ୍ଦ ବିଜୁ ଜନତା ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଦଳରେ ମିଶିଥିଲେ। ଶେଷରେ ରବିଶଙ୍କର ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀରେ ପହଞ୍ଚିଲା ରଥ ଦଉଡ଼ି



**ପୁରୀ,୧୮।୪(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବୁଧବାର ପବିତ୍ର ଶ୍ରୀରାମ ନବମୀରେ ରଥକାଠ ଚିରଟ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ ଶୁଭାରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରିବାରେ ଲାଗିଛି। ତେବେ ଚଳିତବର୍ଷ ବହୁ ପୂର୍ବରୁ ପୁରୀରେ ପହଞ୍ଚିଛି ରଥ ଦଉଡ଼ି। ଗୁରୁବାର ବୀରପ୍ରତାପପୁରସ୍ଥିତ ରାଜ୍ୟ ସମବାୟ କତା ନିଗମରୁ ୨୬ଟି ଦଉଡ଼ି ଏକ ଗାଡ଼ିରେ ଆସି ପହଞ୍ଚିବା ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଇଛି। ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଏହି ଦଉଡ଼ି ଗ୍ରହଣ କରିଛନ୍ତି।

ଶ୍ରୀ ମେକାପ କହିଛନ୍ତି, ଏ ବର୍ଷ ୧୪ଟି ରଥଟଣା ଦଉଡ଼ି ଏବଂ ୧୨ଟି ଘେର ଦଉଡ଼ି ଦେବା ପାଇଁ କତା ନିଗମକୁ ଅର୍ଡର ଦିଆଯାଇଥିଲା। ଏହି ୧୨ଟି ଘେର ଦଉଡ଼ି ମଧ୍ୟରେ ୩ଟି ଇନର କର୍ଡନ, ୩ଟି ଆଉଟ୍‌ର କର୍ଡନ, ୩ଟି ଜେନେରାଲ କର୍ଡନ ଏବଂ ୩ଟି ପୁଲିସ କଡର୍‌ନ ଦଉଡ଼ି ରହିଛି । ଗୋଟିଏ ଟଣା ଦଉଡ଼ିର ଲମ୍ବ ପ୍ରାୟ ୨୨୦ ଫୁଟ ଏବଂ ମୋଟେଇ ୮ ଇଞ୍ଚ ରହିଛି। ସେହିପରି ଘେର ଦଉଡ଼ି ମଧ୍ୟରେ ଇନର କର୍ଡନର ଲମ୍ବ ୨୭୦ ଫୁଟ, ଆଉଟର କର୍ଡନର ଲମ୍ବ ୩୭୫ ଫୁଟ, ଜେନେରାଲ କର୍ଡନ ୪୫୦ ଫୁଟ ଏବଂ ପୁଲିସ କର୍ଡନ ୧୦୦ ଫୁଟର ଦଉଡ଼ି ରହିଛି। ପ୍ରାୟ ମାସେ ଧରି ୧୪ ଜଣ କର୍ମଚାରୀ ଏହି ଦଉଡ଼ି ତିଆରିରେ ଲାଗିଥିଲେ। ଦୀର୍ଘ ୧୭ ବର୍ଷ ହେଲାଣି ରାଜ୍ୟ ସମବାୟ କତା ନିଗମ ରଥଯାତ୍ରା ପାଇଁ ଆବଶ୍ୟକ ଦଉଡ଼ି ଯୋଗାଇଆସୁଛି । କେବଳ ପୁରୀ ନୁହେଁ, ଓଡ଼ିଶାର ଅନ୍ୟ ଜଗନ୍ନାଥ ମନ୍ଦିରକୁ ମଧ୍ୟ ନିଗମ ରଥ ଦଉଡ଼ି ଦେଉଥିବା ଜଣାପଡିଛି।

# ଡ୍ରେନରୁ ମୃତଦେହ ଉଦ୍ଧାର

**ପୁରୀ,୧୮।୪(ସମିସ):** ସ୍ଥାନୀୟ ଡିଏଜି କଲୋନୀ ସମ୍ମୁଖ ମୁକୁଳା ଡ୍ରେନରୁ ଗୁରୁବାର ସକାଳୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ସମୁଦ୍ରକୂଳ ଥାନା ଅଧୀନ ପେଣ୍ଠକଟା ଡିଏଜି କଲୋନୀ ସମ୍ମୁଖ ଭାଗ ଡ୍ରେନ ଖୋଲାଥିବା ବେଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବାବେ ଳେ ତାଙ୍କ ଦୁଇ ହାତରେ ଦୁଇଟି ଗ୍ଲୋଭ ରହିଛି। ଡ୍ରେନରେ ପଡି ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ଏହାର ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ଶିକ୍ଷା ସମାଜ ଗଠନର ମୂଳପିଣ୍ଡ

**ପୁରୀ,୧୮।୪(ସମିସ):** ଶିଶୁ ଶିକ୍ଷାନୁଷ୍ଠାନ 'ଉଦୟନାଥ ଏକାଡେମୀ'ର ପଞ୍ଚଦଶ ବାର୍ଷିକୋତ୍ସବ ସ୍ଥାନୀୟ ଗୋପାଳପୁର ରୋଡ ବାଲିଘାଟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିସ ଖୁଣ୍ଟିଆ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଭାକର ତ୍ରିପାଠୀ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶ୍ୟାମପ୍ରକାଶ ସେନାପତି, ଶିକ୍ଷା ସଙ୍ଗଠକ କବିରାଜ ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ମିଶ୍ର, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ, ବାଲିଗୁଆଲି ସରପଞ୍ଚ ସିଲୁ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷା ହେଉଛି ସମାଜ ଗଠନର ମୂଳପିଣ୍ଡ। ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଏବଂ ଶାନ୍ତି ଓ ପ୍ରେମର ପରିଭାଷା। ସେମାନଙ୍କ ପାଖରେ ଅସୀମ ଶକ୍ତି ଓ ଅନେକ ସମ୍ଭାବନା ରହିଛି ବୋଲି ଅତିଥିମାନେ କହିଥିଲେ। ପରିଚାଳନା କମିଟି ସଭାପତି ରଶ୍ମି ରଞ୍ଜିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ଦିନେଶ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସମ୍ପାଦିକା ସସ୍ମିତା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଦେବସ୍ମିତା ପ୍ରଧାନ ଓ ଶୁଭଙ୍କର ସାହୁ ଶ୍ରେଷ୍ଠ ପୁରସ୍କାର ଲାଭ କରିଥିଲେ। ପରିଚାଳନା କମିଟି ସଦସ୍ୟ ଧୀରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସାହିଯାତରେ ଭୋଟର୍ ସଚେତନତା

**ପୁରୀ,୧୮।୪(ସମିସ):** ଆଗାମୀ ନିର୍ବାଚନରେ ସମସ୍ତ ଭୋଟର ନିଶ୍ଚିତ ମତଦାନ କରି ନିଜର ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି। ପୁରୀ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ ବିଧାନସଭା, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ମଇ ୨୫ ତାରିଖରେ ଓ ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାକଟପୁର ଓ ନିମାପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଜୁନ୍ ୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ପ୍ରତ୍ୟେକ ମତଦାନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏହି ଅବସରରେ ମାଟିମଣ୍ଡପ ସାହିଠାରେ ଭୋଟର ସଚେତନତା ପାଇଁ ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ ଓ ପ୍ରସ୍ତୁତ ଏକ ଗୀତକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ର ଉନ୍ମୋଚନ କରିଥିଲେ। ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ସାହି ମୁରବି, ସଦସ୍ୟ ଓ ଯୁବବର୍ଗ ଚଳିତ ନିର୍ବାଚନରେ ନିଶ୍ଚିତ ମତଦାନ କରିବେ ବୋଲି ସୂଚନା ଦେଇଥିଲେ।

# ଐତିହ୍ୟର ସଂରକ୍ଷଣ ହେଉଛି ଜାତୀୟ କର୍ତ୍ତବ୍ୟ

**ପୁରୀ,୧୮।୪(ସମିସ):** ବିଶ୍ୱ ଐତିହ୍ୟ ଦିବସ ଅବସରରେ ଗୁରୁବାର ଐତିହ୍ୟ ସଂରକ୍ଷଣ ପରିଷଦ ପୁରୀ ପକ୍ଷରୁ ସ୍ଥାନୀୟ ରୋଟାରୀ କମ୍ୟୁନିଟି ସେଣ୍ଟରଠାରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବିଭୁପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ୨୦୧୭ ମସିହାଠାରୁ ପ୍ରତିବର୍ଷ ଐତିହ୍ୟ ଦିବସ ପାଳିତ ହେଉଛି। ଐତିହ୍ୟ ପ୍ରତି ଆମେ ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରିବା ମୂଳ ଲକ୍ଷ୍ୟ। ଚଳିତବର୍ଷ ଜଣେ ସଙ୍ଗୀତ ବିଶାରଦ, ଜଣେ ଓଡ଼ିଶୀ ସ୍ଥାପତ୍ୟ ବିଶାରଦ ଓ ଜଣେ ଶାସ୍ତ୍ର ବିଶାରଦଙ୍କୁ ସମ୍ମାନିତ କରାଯାଉଛି। ଆଲୋଚନାର ଆଭିମୁଖ୍ୟ ପ୍ରକାଶ କରି ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର ଐତିହ୍ୟ ଶବ୍ଦର ବ୍ୟାପକ ପରିଭାଷା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଗୋଟିଏ ଜାତିର ଐତିହ୍ୟ ଗୌରବପୂର୍ଣ୍ଣ ବାର୍ତ୍ତା ବହନ କରିଥାଏ। ଭାଷାର ଐତିହ୍ୟ ହେଉ କି ସାହିତ୍ୟ, ଉପାସନା, ପରମ୍ପରା, ମନ୍ଦିର, ଗଡ଼, ସଙ୍ଗୀତ ଓ ସ୍ଥାପତ୍ୟ ଭାସ୍କର୍ଯ୍ୟର ଐତିହ୍ୟ ହେଉ ସ୍ୱାଭିମାନକୁ ସମୃଦ୍ଧ କରିଥାଏ। ତେଣୁ ପ୍ରତ୍ୟେକ ଐତିହ୍ୟର ସଂରକ୍ଷଣ କରିବା ଆମର ଜାତୀୟ କର୍ତ୍ତବ୍ୟ।

## ଜାତିର ଐତିହ୍ୟ ଗୌରବପୂର୍ଣ୍ଣ ବାର୍ତ୍ତା ଦିଏ




ଏହି ଅବସରରେ ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ଡ. କୃଷ୍ଣଚନ୍ଦ୍ର ମିଶ୍ର, ବେଦାଚାର୍ଯ୍ୟ କୁଞ୍ଜବିହାରୀ ଉପାଧ୍ୟାୟଙ୍କୁ ସେମାନଙ୍କର ଅବଦାନ ପାଇଁ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ ପରେ ଶ୍ରୀ ଶତପଥୀ ଓଡ଼ିଶୀ ସଙ୍ଗୀତର ପ୍ରାଚୀନତା ସମ୍ପର୍କରେ କହିବା ପରେ ଡ. ମିଶ୍ର ଓଡ଼ିଶା ସ୍ଥାପତ୍ୟ ଭାସ୍କର୍ଯ୍ୟର ଶ୍ରେଷ୍ଠତା କିପରି ଭାରତରେ ଗୌରବପୂର୍ଣ୍ଣ ତାହା ପ୍ରକାଶ କରିଥିଲେ। ଶ୍ରୀ ଉପାଧ୍ୟାୟ ଅର୍ଥବ ବେଦର ପୈପଲାଦ ଶାଖାର ସମ୍ପାଦନା ପଛରେ ଥିବା ଦୀର୍ଘ ତ୍ୟାଗର ଗାଥା ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ ଯେ, ପୈପଳାଦ ସଂହିତା ଓଡ଼ିଶାରୁ ହିଁ ସଂଗ୍ରହ ହୋଇ ଆଜି ବିଶ୍ୱରେ ଚହଳ ସୃଷ୍ଟି କରିଛି। ପୂର୍ବରୁ ନାମ ଶୁଣାଯାଉଥିଲା, କିନ୍ତୁ ଗ୍ରନ୍ଥର ସ୍ୱରୂପ ବିଶ୍ୱରେ ଦୁର୍ଲ୍ଲଭ ଥିଲା।

ଶ୍ରୀ ସାହିତ୍ୟ ଅନୁଷ୍ଠାନର କୃଷ୍ଣ ନାୟକ, କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଞ୍ଜୟ ବରାଳ ଆଲୋଚନାରେ ଭାଗ ନେଇ ଓଡ଼ିଆ ସାହିତ୍ୟର ଐତିହ୍ୟ ଓ କୋଣାର୍କ ମନ୍ଦିରର ଅନାଲୋଚିତ ଐତିହ୍ୟ ପ୍ରକାଶ କରିଥିଲେ। ଧନ୍ୟବାଦ ଦେଇଥିଲେ ପ୍ରସନ୍ନ କୁମାର ମିଶ୍ର। ଏହି ଅବସରରେ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ 'ଶ୍ରୀଜଗନ୍ନାଥଙ୍କ ଉପାସନା: ଅନାଲୋଚିତ ଐତିହ୍ୟ' ପୁସ୍ତକ ଲୋକାର୍ପିତ ହୋଇଥିଲା।

# ସାକ୍ଷୀଗୋପିନାଥଙ୍କୁ ଦର୍ଶନ କଲେ କଂଗ୍ରେସ ପ୍ରାର୍ଥୀ



**ସାକ୍ଷୀଗୋପାଳ,୧୮।୪(ସମିସ):** ସତ୍ୟବାଦୀରେ କଂଗ୍ରେସ ଦଳ ପକ୍ଷରୁ ମନୋଜ ରଥ ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଶ୍ରୀ ରଥ ସାକ୍ଷୀଗୋପିନାଥଙ୍କୁ ଦର୍ଶନ କରିବା ସହ ମନ୍ଦିର ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶ୍ରୀ ମନୋଜ ରଥ ସତ୍ୟବାଦୀର ମାଟିର ପୁଅ। ତାଙ୍କ ବାପା ଜଣେ ପୁରୁଖା ବିଜେପିର କର୍ମୀ ଭାବେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ପରିଚିତ। ଏହି ଅବସରରେ ମନୋଜ ରଥଙ୍କ ସହିତ ସତ୍ୟବାଦୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ହୋତା, ଜୟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱନାଥ ମହାପାତ୍ର, ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ସୁବାଷ ମହାପାତ୍ର, ବିଶ୍ୱଜିତି ହୋତାଙ୍କ ସହିତ ବିଜେପିର ଚିତ୍ତଆଚାର୍ଯ୍ୟଙ୍କ ସହିତ କିଛି ବିଜେପି କର୍ମୀମାନେ କଂଗ୍ରେସରେ ଯୋଗ ଦେଇଥିବା ଡ. ବିଶ୍ୱନାଥ ରଥଙ୍କ ଠାରୁ ସୂଚନା ମିଳିଛି।





ହରଚଣ୍ଡୀସାହି ଆଖଡ଼ା ପକ୍ଷରୁ ଶୋଭାଯାତ୍ରା

**ସାହିଯାତର ଦ୍ୱିତୀୟ ସନ୍ଧ୍ୟା**

# ଯଜ୍ଞରକ୍ଷା କଲେ ଦୁଇଭାଇ

**ପୁରୀ,୧୮।୪(ସମିସ):** ତ୍ରେତୟା ଯୁଗର କଥା। ଅଯୋଧ୍ୟାରେ ମୁନୀଋଷିମାନେ ଯଜ୍ଞ କାର୍ଯ୍ୟ କରୁଥାନ୍ତି। ଏହି ସମୟରେ ସୁବାହୁ (ନାକ), ମାରିଚ (କାନ)ଙ୍କ ସହ ତାଡ଼କୀ ଆଦି ରାକ୍ଷସଗଣ ଆସି ବାରମ୍ବାର ଯଜ୍ଞରେ ବାଧା ସୃଷ୍ଟି କରନ୍ତି। ରାକ୍ଷସଙ୍କ ତାଡ଼ନାରେ ଅତିଷ୍ଠ ହୋଇ ମହର୍ଷି ବିଶ୍ୱାମିତ୍ର ଯଜ୍ଞରକ୍ଷା ନିମନ୍ତେ ଅଯୋଧ୍ୟା ରାଜା ଦଶରଥଙ୍କୁ ନିବେଦନ କରନ୍ତି। ରାକ୍ଷସଙ୍କ ବିନାଶ କରି ଯଜ୍ଞରକ୍ଷା ନିମନ୍ତେ ଦଶରଥ ଦୁଇପୁତ୍ର ରାମ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦିଅନ୍ତି। ପିତାଙ୍କ ଆଜ୍ଞା ପାଇ ରାମ, ଲକ୍ଷ୍ମଣ ମହର୍ଷିଙ୍କ ସହିତ ଯାଇ ରାକ୍ଷସଙ୍କ ସହ ଯୁଦ୍ଧ କରି ସେମାନଙ୍କୁ ନିପାତ କରନ୍ତି। ଏହାପରେ ଯଜ୍ଞ କାର୍ଯ୍ୟ ହୁଏ। ଗୁରୁବାର ସାହିଯାତର ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଏହି ଯଜ୍ଞ ରକ୍ଷା ନୀତି ସମ୍ପନ୍ନ ହୋଇଛି। ଆଠସାହି ପକ୍ଷରୁ ସାହିଯାତ ମାଧ୍ୟମରେ ପାଳିତ ହେଉଛି ରାମଲୀଳା। ଦଶମୀ ଅବସରରେ ସମ୍ପନ୍ନ ହୋଇଛି ରାମଲୀଳାର ଯଜ୍ଞରକ୍ଷା ନୀତି। ହରଚଣ୍ଡୀ ସାହି ପକ୍ଷରୁ ଏହି ନୀତି କରାଯାଇଛି।



ଯଜ୍ଞରକ୍ଷା ନୀତି ଲାଗି ହରଚଣ୍ଡୀ ସାହିରୁ ନାକ, କାନ ବାହାରିଥିଲେ। ପଟୁଆରରେ ସେମାନେ ସାହି ପରିକ୍ରମା କରିବା ସହିତ ବାଲିସାହିରେ ପହଞ୍ଚିଥିଲେ। ସେଠାରୁ ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥ ବଲ୍ଲଭରେ ପହଞ୍ଚିଥିଲା ପଟୁଆର। ଏପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ ଲକ୍ଷ୍ମଣଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ ଲକ୍ଷ୍ମଣଙ୍କୁ ବଟ ବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନ ବଡୁମାନେ ପାଲିଙ୍କିଙ୍କୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ରାମ ଲକ୍ଷ୍ମଣଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଘର ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ହୋଇଥିଲା। ଠାକୁରଙ୍କ ନିକଟରେ ଶୀତଳ ଭୋଗ ପନ୍ତି ହୋଇଥିଲା। ଏହାପରେ ହରଚଣ୍ଡୀସାହି ଆଖଡ଼ା ପକ୍ଷରୁ ପଟୁଆରରେ ଆସି ନାକ, କାନ ପ୍ରମୁଖ ଯଜ୍ଞରକ୍ଷା ନୀତିରେ ସାମିଲ ହୋଇଥିଲେ। ରାମ ଲକ୍ଷ୍ମଣ ରାକ୍ଷସ ଗଣକୁ ନିପାତ କରି ଯଜ୍ଞ ରକ୍ଷା କରିଥିଲେ। ତ୍ରେତୟା ଯୁଗର ରାମଲୀଳା ନୀତି ଦେଖିବା ଲାଗି ଜଗନ୍ନାଥ ବଲ୍ଲଭ ମଠରେ ପ୍ରବଳ ଭିଡ଼ ଜମିଥିଲା।

ଗୁରୁବାର ଥିଲା ମାଟିମଣ୍ଡପ ସାହିର ଯାତ। ପରମ୍ପରା ଅନୁଯାୟୀ ରାତିରେ ମାଟିମଣ୍ଡପ ସାହି ଆଖଡାରୁ ନିଶାଣ ଶୋଭାଯାତ୍ରା ବାହାରିଥିଲା। ଦକ୍ଷିଣକାଳୀ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଭିନ୍ନ ବେଶଧାରୀ ସାମିଲ ହୋଇଥିଲେ। ମାଟିମଣ୍ଡପ ସାହି ନିଶାଣ ଶୋଭଯାତ୍ରାକୁ ସ୍ୱାଗତ କରିବା ଲାଗି କାଳିକାଦେବୀ ସାହିରେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସେହିପରି ମାଟିମଣ୍ଡପ ସାହି ମଧ୍ୟ ସଜ୍ଜିତ ହୋଇଥିଲା।

ନୟାଗଡ଼-ଖଣ୍ଡପଡ଼ା ପୂର୍ତ୍ତ ରାସ୍ତା

# ପେଭର ବ୍ଲକ ବିଛାରେ ଅନିୟମିତତା



▶ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି ପୂର୍ତ୍ତ ବିଭାଗ
▶ ଗୋଟିଏ ବର୍ଷାରେ ଧୋଇଯିବ ୮୦ ଲକ୍ଷ

**ନୟାଗଡ଼, ୧୮।୪(ସମିସ):** ନୟାଗଡ଼ ସହରକୁ ରୂପାନ୍ତରିତ କରିବା ପାଇଁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉଦ୍ୟମ ଏବଂ ପରିକଳ୍ପନା ସବୁଠାରୁ ଉଚ୍ଚରେ ରହିଥିବା ବେଳେ ବିଭାଗୀୟ କର୍ମଚାରୀ ଏବଂ ଠିକାଦାରଙ୍କ ଲୋଲୁପ ନୀତି ପାଇଁ ସବୁଠି ହୀନସ୍ତା ହେବାକୁ ପଡୁଛି। ନୟାଗଡ଼ ପୌର ପରିଷଦ ପକ୍ଷରୁ ଆଦର୍ଶ ଶ୍ମଶାନ ନିକଟରେ ବିଛା ଯାଇଥିବା ପେଭର ବ୍ଲକ ଦବି ଛାରଖାର ହୋଇଯାଇଥିବା ବେଳେ ଏବେ ନୟାଗଡ଼ ଖଣ୍ଡପଡ ରାସ୍ତାରେ ବିଛା ଯାଉଥିବା ପେଭର ବ୍ଲକ ଅବସ୍ଥା ମଧ୍ୟ ସମାନ ହେବ ବୋଲି ଆଲୋଚନା ହେଉଛି। ନୟାଗଡ଼ ଖଣ୍ଡପଡ଼ା ରାସ୍ତା ଉନ୍ନତୀକରଣ ପାଇଁ ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମଞ୍ଜୁର ହୋଇ କାର୍ଯ୍ୟ ଚାଲିଛି। ନୟାଗଡ଼ ଟ୍ରାଫିକ ଛକଠାରୁ ଖଣ୍ଡପଡ ପର୍ଯ୍ୟନ୍ତ ରାସ୍ତା ପିଚୁ ପକା ସରିଛି। ଏହି କାର୍ଯ୍ୟ ଅବଧି ଶେଷ ହୋଇଥିବା ବେଳେ କାମ କିନ୍ତୁ ଶେଷ ହୋଇଛି। ନୟାଗଡ଼ ଟ୍ରାଫିକ ଛକଠାରୁ ରେଲ୍‌ୱେ ଓଭର ବ୍ରିଜ ପର୍ଯ୍ୟନ୍ତ ରାସ୍ତା କଡର ଉଭୟ ପାର୍ଶ୍ୱରେ ଫେବର ବ୍ଲକ ବିଛାଇବା କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଛି। ଉକ୍ତ ଉନ୍ନତୀ କରଣ କାର୍ଯ୍ୟ ମଧ୍ୟରେ ଏହି ଫେବର ବ୍ଲକ ବିଛା କାର୍ଯ୍ୟ ରହିଥିବା ବେଳେ ଏହା ପାଇଁ ୮୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ରହିଛି। ଏହି କାମ କଟକର ଓମ ମା' କନଷ୍ଟ୍ରକସନ୍ ଠିକାସଂସ୍ଥା ନେଇଥିବା ସୂଚନା ମିଳିଛି। ନୟାଗଡ଼ ଟ୍ରାଫିକ ଛକଠାରୁ ଓଭର ବ୍ରିଜ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯେଉଁ ଫେବର ବ୍ଲକ ବିଛା କାର୍ଯ୍ୟ ଚାଲିଛି, ତାହା ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଯେନତେନ କାର୍ଯ୍ୟ କରାଯାଉଥିବା ବେଳେ ଅନେକ ସ୍ଥାନରେ ଫେବର ବ୍ଲକ ଦବିବା ଆରମ୍ଭ ହେଲାଣି। ଅନେକ ସ୍ଥାନରେ ଫେବର ବ୍ଲକ ବାଲି ଉପରେ ବିଛା ଯାଇଥିବା ବେଳେ ଏହାକୁ ବାନ୍ଧି ରଖିବା ପାଇଁ ସିମେଣ୍ଟ ଦିଆଯାଉନାହିଁ। ନୟାଗଡ଼ ଲକ୍ଷ୍ମଣନଗର ନିକଟରେ ଫେବର ବ୍ଲକ ଅବସ୍ଥା ଦେଖିଲେ ଗୋଟିଏ ବର୍ଷାରେ ତାହା ଧୋଇଯିବା ଭଳି ଅନୁଭବ ହେଉଛି। ନୟାଗଡ଼ ମିଶ୍ର କଲୋନୀ ଗଡ଼ାନ୍ତିଠାରୁ ଆରଡବ୍ଲ୍ୟୁଏସ୍‌ଏସ୍ ଅଫିସ ପର୍ଯ୍ୟନ୍ତ ଗଡ଼ାନ୍ତି ରାସ୍ତା ହୋଇଥିବା ବେଳେ ବର୍ଷା ସମୟରେ ପ୍ରବଳ ଜଳସ୍ରୋତ ସୃଷ୍ଟି ହୋଇଥାଏ। ଏହାକୁ ଧ୍ୟାନ ଦେଇ ଫେବର ବ୍ଲକ ବିଛାଯିବା ଆବଶ୍ୟକ ଥିଲା। ମାତ୍ର ଏହାକୁ ଅତ୍ୟନ୍ତ ହେୟଜ୍ଞାନମନେ କରାଯାଇ କାର୍ଯ୍ୟ ର୍ କରାଯାଉଛି। ୮୦ ଲକ୍ଷ ଟଙ୍କାର କାମକୁ ଏଭଳି ନିମ୍ନମାନର କରାଯିବା ପଛରେ ଉଦ୍ଦେଶ୍ୟ କଣ ରହିଛି ବୋଲି ପ୍ରଶ୍ନ ଉଠିଛି। ଅନେକ ବୁଦ୍ଧିଜୀବୀ ଏଭଳି ନିର୍ମାଣ କାମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ ସବୁ ଜାଣିଶୁଣି ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ନିମ୍ନମାନର କାର୍ଯ୍ୟ କରାଯାଇଥିବା ସ୍ଥାନକୁ ପୁନଃ ନିର୍ମାଣ କରାଯିବା ସହ ଏହାକୁ ସଠିକ ଭାବେ କରିବା ପାଇଁ ଦାବି ହେଉଛି।

■ ନବମୀ ଯାତ୍ରାରେ ଲୁଟେରାଙ୍କ ଦୌରାତ୍ମ୍ୟ

# ବହୁ ବ୍ୟକ୍ତିଙ୍କଠାରୁ ସୁନା ଅଳଙ୍କାର ଚୋରି

**ଓଡ଼ଗାଁ, ୧୮।୪(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ପ୍ରସିଦ୍ଧ ସ୍ୱର୍ଣ୍ଣ କଳସକ୍ଷେତ୍ର ବିଜେ ଶ୍ରୀରଘୁନାଥ ଜିଉଙ୍କ ପୀଠରେ ୧୭ ତାରିଖ ବୁଧବାର ସକାଳେ ପ୍ରଭୁଙ୍କ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ତହସିଲଦାର ମାନସ ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ତ ଦିଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କୁ ନିଜ ନିଜର ଦାୟିତ୍ୱ ବଣ୍ଟନ କରାଯାଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧ ଲାଭ କରିଥିବା ଶ୍ରୀରାମ ନବମୀ ଯାତ୍ରାରେ ପ୍ରଭୁଙ୍କ ଦର୍ଶନ ପାଇଁ ଉପାସକ, ମାନସୀକଧାରୀ ଓ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଏପରିସ୍ଥଳେ ପ୍ରତ୍ୟେକ ବିଭାଗ ନିଜ ନିଜର ଦାୟିତ୍ୱ ସମ୍ପର୍କରେ ପୂର୍ବ ପ୍ରସ୍ତୁତି ଗ୍ରହଣ କରି ସତର୍କତା ଅବଲମ୍ବନ କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ବ୍ୟବସ୍ଥିତ ସୁବିଧା ସୁଯୋଗ ଓ ସୁରକ୍ଷା ଯୋଗାଇଦେବା ଆବଶ୍ୟକତା ରହିଛି। ହେଲେ ଯାତ୍ରାର ପ୍ରଥମ ଦିବସ ବୁଧବାର ସକାଳ ଶ୍ରୀରାମଙ୍କ ଜନ୍ମ ବିଧାନ ଦର୍ଶନ ପାଇଁ ଆସିଥିବା ଉପାସକ ଓ ଶ୍ରଦ୍ଧାଳୁଙ୍କ ନିକଟରୁ ସୁନା ଅଳଙ୍କାର ଚୋରି ଘଟଣା ସମସ୍ତଙ୍କୁ ଚକିତ କରି ଦେଇଥିବା ବେଳେ ପୁଲିସକୁ ଚାଲେଞ୍ଜ ଦେଇ ଅପରାହ୍ନରେ ଏହାର ପୁନରାବୃତ୍ତି ଘଟିବା ଅଧିକ ଭୟ ସୃଷ୍ଟି କରିଛି। ସ୍ୱର୍ଗତ ସାମ୍ବାଦିକ ହୃଦୟ ରଞ୍ଜନ ମହାରଣାଙ୍କ ପତ୍ନୀ ହରପ୍ରିୟା ଏବଂ ତାଙ୍କ ଭାଉଜ ସଂଯୁକ୍ତା ରାଣୀଙ୍କ ଠାରୁ ଏକା ବେଳେ ୨ ସୁନାଚେନ୍ ଦୁର୍ବୃତ୍ତମାନେ ଛିଣ୍ଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ୍ୟ ୨୦ ହଜାର ହେବ ବୋଲି ଜଣାଯାଇଛି। ଅପରାହ୍ନରେ ମନ୍ଦିର ମଧ୍ୟରେ ଦର୍ଶନ ସମୟରେ ଓଡ଼ଗାଁ ଦଳକ ସାହିର ଶରତ ଚନ୍ଦ୍ର ଉପାଧ୍ୟାୟଙ୍କ ପତ୍ନୀ ସରସ୍ୱତୀଙ୍କ ବେକରୁ ୧ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା ଅଳଙ୍କାର ଲୁଟ ହୋଇଥିବା ବେଳେ ଆହୁରି ୩ଟି ଅଭିଯୋଗ ମରୁଆ ଭୂୟାଁ, ଜୟକୃଷ୍ଣ ପୃଷ୍ଟି ଥାନାରେ କରିଥିବା ସୂଚନା ମିଳିଛି। ଅଳଙ୍କାର ଚୋରି ଘଟଣାକୁ ନେଇ ଠାକୁର ଦର୍ଶନକୁ ସାଧାରଣରେ ଅସୁରକ୍ଷିତ ମଣୁଛନ୍ତି। ଏପରି ସମୟରେ ସୁରକ୍ଷା କବଚ ମନ୍ଦିର ସିସିଟିଭି ଖରାପ ଥିବାରୁ ତ୍ୱରିତ ଫୁଟେଜ ଚେକ୍ ସମ୍ଭବପର ହୋଇପାରି ନଥିବା ବେଳେ ଆଜି ତାହାକୁ ସଜଡା ଯାଇଥିବା ଜଣାପଡ଼ିଛି। ନିକଟ ଅତୀତରେ ମନ୍ଦିର ପରିସରରେ ଏଭଳି ଚୋରି ଘଟଣା ଶୁଣାଯାଇ ନଥିବା ବେଳେ ବର୍ତ୍ତମାନର ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଗୁରୁବାରକୁ ଛାଡି ଆଗକୁ ୧୦ ଦିନ ଯାତ୍ରାରେ ସାଦା ପୋଷାକଧାରୀ ପୁଲିସ ଏହାକୁ ତିକ୍ଷ୍ଣ ନଜର ରଖିବେ ବୋଲି ଓଡ଼ଗାଁ ଆଦର୍ଶ ଥାନା ତରଫରୁ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ, ଦେବୋତ୍ତର ବିଭାଗ ଯାତ୍ରା ପୂର୍ବରୁ କାହିଁକି ସିସିଟିଭି ମରାମତି କଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ମନ୍ଦିର ସିସିଟିଭି ଅଚଳ, ଚିନ୍ତାରେ ଓଡଗାଁବାସୀ,

● ୮ରୁ ନିଖୋଜ ହେଲାଣି ସିଲୁ

# ପୁଅକୁ ଖୋଜିଖୋଜି ବାପା ମାଆ ନୟାନ୍ତ

**ନୟାଗଡ଼, ୧୮।୪(ସମିସ)**



● ସଦରଥାନାରେ ରୁଜୁ ହୋଇଛି ମାମଲା

ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ମାଛିପଡ଼ା ଗ୍ରାମର ସିଲୁ ନାୟକ ନାମକ ଜଣେ ନାବାଳକ ଗତ ୮ ତାରିଖରୁ ନିଖୋଜ ଅଛନ୍ତି। ମାଛିପଡ଼ା ଗ୍ରାମରର ବ୍ରଜବନ୍ଧୁ ନାୟକଙ୍କ ପୁଅ ସିଲୁ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ପରୀକ୍ଷାରେ ଖରାପ କରିବାକୁ ନେଇ ବାପା ବ୍ରଜବନ୍ଧୁ ତାଙ୍କୁ ଗାଳି କରିଥିଲେ। ଯାହାକୁ ନେଇ ସିଲୁ ଘରୁ କେଉଁ ଆଡେ ଚାଲି ଯାଇଥିଲେ। ଏନେଇ ବାପା ବ୍ରଜବନ୍ଧୁ ନୟାଗଡ଼ ସଦରଥାନାରେ ଅଭିଯୋଗ କରିଥିଲେ। ସଦରଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ପୁଲିସ ମାମଲା ରୁଜୁ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଗତ ୮ ତାରିଖରେ ବିଦ୍ୟାଳୟକୁ ଯାଉଛି କହି ସିଲୁ ଘରୁ ବାହାରିଥିଲା। କିନ୍ତୁ ଘରକୁ ଆଉ ଫେରି ନଥିଲା। ବାପା ମାଆ ଥାନାରେ ଅଭିଯୋଗ କରିବା ସହ ନୟାଗଡ଼ରୁ ଭୁବନେଶ୍ୱର ଯାଏଁ ଯାଇ ଖୋଜାଖୋଜି କରି ଫେରିଲେଣି। ସଦରଥାନାକୁ ଯାଇ ମଧ କାକୁତି ମିନତୀ ହୋଇ ସାରିଲେଣି। ଭୁବନେଶ୍ୱର କ୍ୟାପିଟାଲ ଥାନାକୁ ଯାଇ ମଧ ପୁଅ ନିଖୋଜ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏଯାଏଁ କୌଣସି ସୁଫଳ ମିଳିନାହିଁ। ସିଲୁକୁ ଉଦ୍ଧାର କରିବାକୁ ବାପା ଓ ମାଆ ନୟାନ୍ତ ହୋଇ ସାରିଥିବା ବେଳେ ପୁଲିସ କି ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଅଂଶୁଘାତରେ ବୃଦ୍ଧ ଗୁରୁତର

**ଭାପୁର, ୧୮।୪(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ହେଉଛି। ଗୁରୁବାର ମଧ୍ୟାହ୍ନରେ ଭାପୁର ବ୍ଲକ ବାଉଁଶବାଟୀ ପଞ୍ଚାୟତ ନଟବରପୁର ଗ୍ରାମର ଗୋବର୍ଦ୍ଧନ ମଳିକ ପୋଖରୀକୁ ଗାଧେଇ ଯିବା ସମୟରେ ଅଂଶୁଘାତରେ ଆକ୍ରାନ୍ତ ହୋଇଥିଲେ। ପରିବାରର ଲୋକମାନେ ଗୋବର୍ଦ୍ଧନଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅପରାହ୍ନ ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

# ଡାଳମାଡରେ ବ୍ୟବସାୟୀଙ୍କ ମୃତ୍ୟୁ

**ଭାପୁର, ୧୮।୪(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଶାଳପଡ଼ା ପଞ୍ଚାୟତ ଶାଳପଡ଼ା ବଜାରରେ ଗୁରୁବାର ସକାଳେ ଏକ ଅଘଟଣ ଘଟିଯାଇଛି। ଏକ ଛୋଟ ଘଟଣାକୁ ନେଇ ଜଣେ ବ୍ୟକ୍ତିଙ୍କ ଡାଳ ମାଡରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଯାଇଛି। ପଦ୍ମାବତୀ ପଞ୍ଚାୟତ ତଳମାରଡା ଗ୍ରାମର ଅରୁଣ କୁମାର ରାଉତ (୪୭) ଶାଳପଡ଼ା ବଜାରରେ ଏକ ହାଡୱାର ଷ୍ଟୋର କରି ବେପାର କରୁଥିଲେ। ସେହି ଶାଳପଡ଼ା ଗ୍ରାମର ପ୍ରଦୀପ୍ତ କୁମାର ଶତପଥୀଙ୍କ ସହ କୌଣସି କାରଣରୁ ଅରୁଣଙ୍କ ସହ ଗଣଗୋଳ ହେବାରୁ ଏକ ଡାଳରେ ପ୍ରଦୀପ ଅରୁଣଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏହି ମାଡରେ ସେ ଗୁରୁତର ହୋଇ ମୃତ୍ୟୁବରଣ କରିଥିବା ଅରୁଣଙ୍କ ପତ୍ନୀ କାଦମ୍ବିନୀ ସାମନ୍ତରାୟ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଖଣ୍ଡପଡ଼ା ଠାରେ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତ ପ୍ରଦୀପଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚାଲୁ ରଖିଛି।

● ଓଡ଼ଗାଁ ଏନ୍‌ଏସି ରାମସାଗରରେ ବୋଟ୍ ଚାଳନା କେବେ

# ପଡ଼ି ପଡ଼ି ଖତଖାଉଛି ୬ଟି ବୋଟ୍



**ଓଡଗାଁ, ୧୮।୪(ସମିସ):** ଓଡ଼ଗାଁ ରାମ ସାଗର ପୁଷ୍କରିଣୀରେ ବୋଟିଙ୍ଗ ବ୍ୟବସ୍ଥା ପାଇଁ ବହୁ ଅର୍ଥ ବ୍ୟୟରେ ବୋଟ୍ କିଣାଯାଇ ପଡ଼ିରହିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ବୋଟିଂ ବ୍ୟବସ୍ଥା ସଫଳ ହୋଇପାରିନାହିଁ। ବର୍ଷ ବର୍ଷ ଧରି ପଡ଼ି ପଡ଼ି ୬ଟି ବୋଟ୍ ଖତ ଖାଉଥିବା ବେଳେ ଏନ୍‌ଏସି ପ୍ରଶାସନର ମନମୁଖୀ କାର୍ଯ୍ୟକୁ ସମସ୍ତେ ନାପସନ୍ଦ କରିଛନ୍ତି। ଏପଟେ ଶ୍ରୀରାମନବମୀ ଯାତ୍ରା ଚାଲିଥିବାରୁ ପର୍ଯ୍ୟଟକ ବୋଟ୍ ଚାଳନା କରିବା ଆଶା ମଉଳି ଯାଇଛି। ସୂଚନା ଅନୁଯାୟୀ, ୨୦୨୦ ମସିହାରେ ଓଡଗାଁ ରାମସାଗର ପୋଖରୀରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବୋଟ୍ ଚାଳନା କରିବାକୁ ପସ୍ତାବ ଆସିବା ପରେ ୨୦୨୨ ମସିହାରେ ୬ଟି ବୋଟ୍ କିଣାଗଲା। ଟେଣ୍ଡର ପରେ ଠିକାଦାର ବୋଟ୍ ଗୁଡିକୁ ନିଜ ନାଁରେ କିଣି ଏନ୍‌ଏସିକୁ ଭଣ୍ଡାଇ ଚାଲିଥିଲେ। ଏପଟେ ଏନ୍‌ଏସି ନାଁରେ ବୋଟ୍ କିଣା ଯାଇନଥିଲେ ମଧ୍ୟ ସବୁ ବିଲ କରି ନେଇଯାଇଛନ୍ତି ଠିକାଦାର। ସବୁଠାରୁ ବଡକଥା ହେଉଛି ଏନ୍‌ଏସି ପକ୍ଷରୁ ବାରମ୍ବାର ନୋଟିସ କରାଯାଉଥିଲେ ମଧ୍ୟ ଠିକାଦାର ଆଜିକାଲି କହି ଦିନ ପରେ ଦିନ ଗଡ଼ାଇ ଚାଲିଥିବାରୁ ବୋଟ୍ ଚାଲିବା ଆଶା ମଉଳି ଯାଇଛି। ବୋଟ୍ ଚାଳନା ପାଇଁ ଅଭିଜ୍ଞ ଚାଳକ ନିଯୁକ୍ତ କରିବା, ବୋଟ୍ ନିଲାମ କରିବା ଓ ଯାତ୍ରୀ ପୋଖରୀରେ କେତେ ସମୟ ବୁଲିବେ ଓ ସେମାନଙ୍କ ଠାରୁ କେତେଟଙ୍କା ଧାର୍ଯ୍ୟଦର ରଖାଯିବ ତା ଉପରେ କୌଣସି ପ୍ରକାର ନିଷ୍ପତି ନିଆଯାଇନାହିଁ। କେବଳ କାଗଜ କଲମରେ ରାମସାଗର ପୋଖରୀରେ ପର୍ଯ୍ୟଟକ ବୋଟ୍ ଚାଳନାର ସୁବିଧା ପାଇପାରିବେ ବୋଲି କୁହାଯାଇଛି। ବର୍ତ୍ତମାନ ଶ୍ରୀରାମ ନବମୀ ଯାତ୍ରା ନଅଦିନ ବ୍ୟାପି ଚାଲିଥିବାରୁ ହଜାର ହଜାର ଲୋକଙ୍କ ସମାଗମ ହେଉଛି। ଯଦି ରାମସାଗର ପୋଖରୀରେ ବୋଟ୍ ବ୍ୟବସ୍ଥା ରହିଥାନ୍ତା, ତେବେ ଏନ୍‌ଏସି ଅଧିକ ଲାବବାନ୍ ହୋଇପାରିଥାନ୍ତା। ଏନ୍‌ଏସିର ଆନ୍ତରିକତାର ଅଭାବ ଯୋଗୁ ଯାତ୍ରୀ କିମ୍ବା ପର୍ଯ୍ୟଟକ ବୋଟ ଚାଳନା କରିବାରୁ ବଞ୍ଚିତ ହେବା ସହିତ ରାଜସ୍ୱ କ୍ଷତି ହେଉଥିବା ସାଧାରଣରେ ମତପ୍ରକାଶ ପାଇଛି। ତୁରନ୍ତ ବୋଟ୍ ନିଲାମ କରି ଅଭିଜ୍ଞ ଚାଳକ ନିଯୁକ୍ତି କରିବାକୁ ଦାବି ହେଉଛି। ଏହି ଘଟଣାରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଇନସ୍ୟୁରାନ୍ସ ପାଇଁ କାର୍ଯ୍ୟ ଅଟକିଛି। ଇନସ୍ୟୁରାନ୍ସ ପରେ ଆମେ ଟେଣ୍ଡର କରିବୁ ଓ ଖରାପ ହୋଇଥିବା ବୋଟ୍ ଗୁଡ଼ିକୁ ପୁଣି ମରାମତି କରି ଚଲାଇବୁ ବୋଲି କହିଛନ୍ତି।

● ଆଡିପଡ଼ା ଗ୍ରାମ୍ୟ ବିବାଦ

# ସରପଞ୍ଚ ସ୍ୱାମୀଙ୍କ ନାଁରେ ଜିଲ୍ଲାପାଳଙ୍କୁ ଫେରାଦ



**ନୟାଗଡ଼, ୧୮।୪(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଗାତେରୀ ପଞ୍ଚାୟତ ଆଡିପଡ଼ା ଗ୍ରାମରେ ୫୦ ଅସବର୍ଣ୍ଣ ପରିବାରଙ୍କୁ ହଇରାଣ କରୁଥିବା ଏବଂ ଗାଁର କୌଣସି ସାମାଜିକ କାର୍ଯ୍ୟରେ ସାମିଲ କରୁନଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି। କାର୍ତ୍ତିକ ପୂର୍ଣ୍ଣମୀଠାରୁ ଗାଁରେ ବିବାଦ ସୃଷ୍ଟି ହୋଇଛି। ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହାଣୀଙ୍କ ସ୍ୱାମୀ ତଥା କେନ୍ଦ୍ର ସମବାୟ ବ୍ୟାଙ୍କ ମହିପୁର ଶାଖା ପରିଚାଳକ ସରୋଜ ସାହାଣୀ, ନାଏବ ସରପଞ୍ଚ ପ୍ରଶାନ୍ତ ଗନ୍ତାୟତ ଗାଁର ସବର୍ଣ୍ଣ ଲୋକଙ୍କୁ ଉତ୍ସାହିତ କରି ଏଭଳି କାଣ୍ଡ କରୁଥିବା ଅଭିଯୋଗ ହୋଇଛି। ଗ୍ରାମରେ କଙ୍ଗାରୁକୋର୍ଟ କରି ଅସବର୍ଣ୍ଣ ପରିବାରଙ୍କୁ ଦଣ୍ଡ, ପଣା ଆଦି ପର୍ବରେ ସାମିଲ କରାଯାଇନଥିବା ଏବଂ ସବୁବେଳେ ଆକ୍ଷେପ କରୁଥିବା ଅଭିଯୋଗ ହୋଇଛି। ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଶ୍ରୀ ସାହାଣୀଙ୍କୁ ଯୋଗାଯୋଗ କରିବାରେ, ମୁଁ ସେ ଗାଁକୁ ଗତ ୩ ମାସ ମଧ୍ୟରେ ଆଦୌ ଯାଇନାହିଁ। କେବେ ବି ସେମାନଙ୍କ ବିବାଦ ୬ ମାସ ତଳୁ ଚାଲିଥିବା ଶୁଣିଛି, କିନ୍ତୁ ସେଥିରେ କୌଣସି ହସ୍ତକ୍ଷେପ କରିନାହିଁ ବୋଲି କହିଛନ୍ତି। କାହା ପ୍ରରୋଚନାରେ ପଡ଼ି ସେମାନେ ଏଭଳି ଅଭିଯୋଗ କରିଥିବେ ବୋଲି କହିଛନ୍ତି।

# ଗଡ଼ିଆସାହି ପଞ୍ଚାୟତକୁ ଲକ୍ଷ୍ମୀବସ୍ ଚଳାଚଳ ଦାବି

**ଖଣ୍ଡପଡ଼ା, ୧୮।୪(ସମିସ):** ଗ୍ରାମାଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଗୋଟିଏ ସ୍ଥାନରୁ ଅନ୍ୟତ୍ର ଯାତାୟାତର ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମାତ୍ର ୫ ଟଙ୍କାରେ 'ଲକ୍ଷ୍ମୀ' ବସ ଯୋଜନା ବହୁତ ସୁବିଧା ହୋଇଥିବା ଜଣାପଡ଼ିଛି। ଏହି ପ୍ରରିପେକ୍ଷିରେ ଖଣ୍ଡପଡ଼ା ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତର ଜନସାଧାରଣ 'ଲକ୍ଷ୍ମୀ' ବସ ଯୋଜନାରେ ଉପକୃତ ହେଉଛନ୍ତି। ଖଣ୍ଡପଡ଼ାରୁ ଭାୟା ଖଳିସାହି ଦେଇ କୋସ୍କା ଯାଉଥିବା 'ଲକ୍ଷ୍ମୀ' ବସ ସେବାରୁ ବଞ୍ଚିତ ହେଉଛନ୍ତି ଗଡ଼ିଆସାହି ପଞ୍ଚାୟତର ଏକାଧିକ ଗ୍ରାମବାସୀ। ବ୍ଲକ ଯୁବ ବିଜେଡ଼ି ସଭାପତି ମନୋରଞ୍ଜନ ବେହେରାଙ୍କ ସମେତ ଶତାଧିକ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଅଧୀନ ମୁଖ୍ୟରାସ୍ତା ସଂଲଗ୍ନ ମାନସ ମିଲ ଛକରୁ ହରିଜନ ସାହି, ପିତା ମହୁଲ, ନଟବରପୁର ଶାସନ, ପଥରଗଣ୍ଡ, ନୂଆ ଗଡ଼ିଆସାହି ଆଦି ଗ୍ରାମ ଦେଇ 'ଲକ୍ଷ୍ମୀ' ବସ ଚଳାଚଳ ହେଲେ ଉକ୍ତ ଅଞ୍ଚଳର ପ୍ରାୟ ଦୁଇ ହଜାର ଜନସାଧାରଣ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ପୂରଣ ହୋଇ ପାରନ୍ତା ବୋଲି ସ୍ଥାନୀୟ ଜନ ପ୍ରତିନିଧି ମାନେ ନିଜର ମତ ପ୍ରକାଶ କରିଛନ୍ତି। ଏନେଇ ଶ୍ରୀ ବେହେରାଙ୍କ ସମସ୍ତ ସମସ୍ତ ଗ୍ରାମବାସୀ ଖଣ୍ଡପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବିଧିବଦ୍ଧ ଭାବେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ତେବେ ଖୁବଶୀଘ୍ର ଉକ୍ତ ଦାବି ମୁତାବକ ବ୍ଲକ ପ୍ରଶାସନ ମାଧ୍ୟମରେ ସର୍ବସାଧାରଣଙ୍କ ନିମନ୍ତେ 'ଲକ୍ଷ୍ମୀ' ବସ୍ ସେବା ଯୋଗାଇ ଦେବାପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# କେନ୍ଦୁପଲ୍ଲୀ ଗ୍ରାମରେ ଭଜନ ସମାରୋହ

**ଭାପୁର, ୧୮।୪(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମର ଆରାଧ୍ୟ ଦେବତା ବାବା ଜଳେଶ୍ୱର ମନ୍ଦିର ପରିସରରେ ବୁଧବାର ଦିନ ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ଶ୍ରୀ ଜଳେଶ୍ୱର ଏକ ଭଜନ ସମାରୋହ ବରିଷ୍ଠ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥଙ୍କ ଦ୍ୱାରା କେନ୍ଦୁପଲ୍ଲୀ ଗ୍ରାମରେ ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ, ଗାଳ୍ପିକ ତଥା ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ, ଗୁରୁ କବି ସୋମନାଥ ରାଜଗୁରୁଙ୍କର ସୁକନ୍ୟା ସଂଘମିତ୍ରା ରାଜଗୁରୁ, ବରିଷ୍ଠ କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ତଥା କବି ନୀଳକଣ୍ଠ ପଟ୍ଟନାୟକ, ରାଗେଶ୍ରୀ ନିଳୟମର ମୁଖ୍ୟ ପୁରୋଧା ଗୁରୁ ପ୍ରଭାତ କୁମାର ଦାଶ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମସ୍ତ ଅତିଥିଙ୍କୁ କେନ୍ଦୁପଲ୍ଲୀ ଗ୍ରାମ ସଭାପତି କାହ୍ନୁ ଚରଣ ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ବେହେରା ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ଶୁକ୍ଳ ଏବଂ ଅବିନାଶ ସୁବୁଦ୍ଧି ସଂଯୋଜନା କରିଥିଲେ। ମଞ୍ଚ ପ୍ରାରମ୍ଭରେ ପ୍ରାର୍ଥନା ଚ୍ୟାନେଲ ନୃତ୍ୟଶିଳ୍ପୀ ପ୍ରାର୍ଥନା ପ୍ରତିଭା ବିଜେତା ସାଇ ସୌମ୍ୟକାନ୍ତଙ୍କର ଆହେ ନୀଳଶୈଳ ପରିବେଷଣ ଚିତ୍ତାକାର୍ଷକ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସୁନାମ ଧନ୍ୟ କଣ୍ଠଶିଳ୍ପୀଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ସୁଚାରୁ ରୂପେ ସମ୍ପାଦନା କରିଥିଲେ।



ପାଣି ପାଇଁ ଖଣ୍ଡପଡ଼ାରେ ହାହାକାର

# ଆନ୍ଦୋଳନକୁ ଓହ୍ଲାଇବେ ୧୬ ନଂ ୱାର୍ଡ ବାସିନ୍ଦା

**ଦଶପଲ୍ଲା, ୧୮।୪(ସମିସ)**

ବିବାଦ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର ପିଛା ଛାଡୁନି। ରାସ୍ତାଘାଟ, ପରିମଳ ଓ ପାନୀୟ ଜଳ ଭଳି ମୌଳିକ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ନିଦାବିଷ୍ଣୁ ସାଜିଥିବା ବେଳେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପାରଦ ୪୨ ଡିଗ୍ରୀ ଛୁଇଁଲାଣି। ଏଭଳି ଘଡିସନ୍ଧି ସମୟରେ ସବୁଠାରୁ ବେଶୀ ପ୍ରଭାବିତ ହୋଇଛି ୧୬ ନଂ ୱାର୍ଡ ଖଣ୍ଡପଡ଼ା ଗ୍ରାମବାସୀ। କୁଆଁରିଆ ନଦୀ ତଟରେ ଅବସ୍ଥିତ ଏହି ଗ୍ରାମରେ ଅଧୁନା ପାନୀୟଜଳର ଘୋର ଅଭାବ। ବସୁଧା ଯୋଜନାରେ ଓଭରହେଡ୍ ପାଣି ଟାଙ୍କି ସହିତ ପାଇପ ବିଛା ସରି ପରୀକ୍ଷା ନିରୀକ୍ଷା ଶେଷ ହୋଇଥିବା ବେଳେ ଏଯାବତ୍ ପାନୀୟ ଜଳ ଯୋଗାଣ ସ୍ୱପ୍ନ ପାଲଟିଛି। କୁଆଁରିଆ ନଦୀ ଜଳ ସ୍ରୋତ ଶୁଷ୍କ। ଗ୍ରାମର ୨ ଗୋଟି ପୋଖରୀ ଚରିଆପଦକ୍ଷ ଓ ସ୍କୁଲ୍ ପୋଖରୀ ଶୁଖି ସାରିଥିବାରୁ ଗ୍ରାମବାସୀ ସ୍ନାନ ଶୌଚ ପାଇଁ ହନ୍ତସନ୍ତ ହେଉଥିବା ଲକ୍ଷ୍ୟ କରାଯାଇଛି। ଧାନ, ଆଖୁ ବିଶେଷ କରି ପରିବା ଚାଷ ଉପରେ ନିର୍ଭରଶିଳ ଏହି ଗ୍ରାମରେ ଚାଷ ଓ ଚାଷୀଙ୍କ ଜୀବନ ଜୀବିକା ଚରମ ବିପର୍ଯ୍ୟସ୍ତ। ଗ୍ରାମର ଗୋରୁ ଗାଈ ପାଣି ଅଭାବରୁ ଏଣେ ତେଣେ ବୁଲୁଥିବା ଦୃଶ୍ୟ ବେଶ୍ ଅନୁଭବ୍ୟ। ୨ ପ୍ରମୁଖ କୁଞ୍ଜବନଗଡ଼ ଓ ସାତପାଟଣାକୁ ନେଇ ସଦ୍ୟ ଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରୀକରଣ ସ୍ୱାଦ ଚଖାଇବା ଖଣ୍ଡପଡ଼ା ଗ୍ରାମବାସୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଅନେକ କ୍ଷୋଭର ସହ କହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ପାନୀୟ ଜଳ ପ୍ରକଳ୍ପ ଚାଲୁ କରିବା, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ସହିତ ସନ୍ନିକଟ କୁଆଁରିଆ ନଦୀ ଶଯ୍ୟାରେ କୃତ୍ରିମ ଜଳାଶୟ ଖୋଳକ୍ଷ ଯାଇ ଗ୍ରାମ ଗୋସମ୍ପଦକୁ ରକ୍ଷା କରିବା ନିମନ୍ତେ ଗ୍ରାମବାସୀ ଦାବି ସହିତ ଆନ୍ଦୋଳନ ଧମକ ଦେଇଛନ୍ତି।



## ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ବିଶ୍ୱ ଐତିହ୍ୟ ଦିବସ

# ପ୍ରାଚୀନ କୀର୍ତ୍ତିର ପୁନରୁଦ୍ଧାର ଜରୁରୀ

**ଖୋର୍ଦ୍ଧା, ୧୮।୪(ସମିସ)**



ସ୍ଥାନୀୟରାଧାବଲ୍ଲଭସାହିସ୍ଥିତରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ସଂଗ୍ରହାଧକ୍ଷ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଆଇନଜ୍ଞ ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥ ମନ୍ଦିରର କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ମହାନ୍ତି ଓ ସମ୍ମାନିତ ଅତିଥିରୂପେ ସେନା ବାହିନୀର ଉଚ୍ଚ ପଦାଧିକାରୀ ହୃଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧାର ଧ୍ୱଂସାଭିମୁଖୀ ପ୍ରାଚୀନ କୀର୍ତ୍ତିର ପୁନଃ ଉଦ୍ଧାର ଉପରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ। ଜଗନ୍ନାଥଙ୍କ ନାମରେ ଥିବା ନରଣଗଡ଼ ସନ୍ନିକଟ ଭୋଗପୁର କନ୍ଦାପଥର ପାହାଡ଼ରେ ପ୍ରାଚୀନ ଲିପି ଖୋଦିତ ଏକ ପତନାଭିମୁଖୀ ଗୁମ୍ଫା ରହିଛି। ଯଥାଶୀଘ୍ର ଏହାକୁ ସଂରକ୍ଷଣ ନ କଲେ ପ୍ରାଚୀନ ଓଡ଼ିଆ ଲିପିର କ୍ରମବିକଶିତ ରୂପ ନିର୍ଣ୍ଣୟର ପ୍ରାମାଣିକ ତଥ୍ୟ ନଷ୍ଟ ହୋଇଯିବ ବୋଲି ମତପ୍ରକାଶ ପାଇଥିଲା। ଏଥିସହିତ ଖୋର୍ଦ୍ଧା ଜିଲ୍ଲାରେ ବହୁ ଦୁର୍ଗ ଗଡ଼, ମଠ ମନ୍ଦିର ଆଦି ପ୍ରାଚୀନ କୀର୍ତି ଥିଲେହେଁ ଜନସଚେନତା ଅଭାବରୁ ଓ ନିଷ୍କ୍ରିୟତା ଯୋଗୁ ସେଗୁଡିକ କ୍ରମକ୍ଷୟ ହେବାରେ ଲାଗିଛି। ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀର ଶିଶୁପାଳଗଡ଼, ଷଷ୍ଠ ଶତାବ୍ଦୀର ଶୈଳୋଦ୍ଭବ ରାଜନ୍ୟଙ୍କ ବଙ୍କାଡ଼ ଦୁର୍ଗ, ଦ୍ୱାଦଶ ଶତାବ୍ଦୀର ଚନ୍ଦକା ଅରଣ୍ୟରେ ଥିବା ଗଙ୍ଗ ରାଜତ୍ୱର ବୁଆଳୀ ଦୁର୍ଗ ଓ ଷୋଡ଼ଶ ଶତାବ୍ଦୀର ଖୋର୍ଦ୍ଧା ଦୁର୍ଗ ସହିତ ବିଭିନ୍ନ ଗ୍ରାମରେ ୭୧ଟି ଗଡ଼ ମାଟିରେ ମିଶି ଗଲାଣି। ଭୁବନେଶ୍ୱର ବ୍ୟତୀତ ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିର, ଟାଙ୍ଗିର ଚଣ୍ଡେଶ୍ୱର ମନ୍ଦିର, ହାଡ଼ପଦାର ଦକ୍ଷିଣଚଣ୍ଡି ମନ୍ଦିର, ବୁଢ଼ାପଡ଼ାର ସୋମନାଥ ମନ୍ଦିର, କାକୁଡ଼ିଆର ଗୋପୀନାଥ ମନ୍ଦିର, ରଥିପୁର ଓ କନ୍ତଳବାଇର ଗୋପାଳ ମନ୍ଦିର, ମନ୍ଦିର ମାଳିନୀ ଗଡ଼ ଖୋର୍ଦ୍ଧାର ଦୁଇଟି ମଠ ଓ ପାଞ୍ଚଟି ମନ୍ଦିର ଅବହେଳିତ ହୋଇ ରହିଅଛି। ସେହିପରି ଶିଳାଲେଖମାନଙ୍କ ମଧ୍ୟରୁ ବରୁଣେଇ ପାଣ୍ଡବଘରା ଗୁମ୍ଫାରେ ଉତ୍କୀର୍ଣ୍ଣ ପ୍ରାୟ ଦୁଇ ହଜାର ବର୍ଷର ପ୍ରତ୍ନ ଓଡିଆ ଲିପି, ବଙ୍କାଡ଼ଗଡ଼ର ଶିଳାଲେଖ, ଭୋଗପୁର ପାହାଡ଼ ଶୀର୍ଷସ୍ଥ ଗୁମ୍ଫାର ଲିପି, ବେଗୁନିଆ ସନ୍ନିକଟ କୁଶପଲ୍ଲାଗଡ଼ ସନ୍ନିକଟ କୂପରେ ସ୍ଥାନିତ ଶିଳାଲେଖ ଗୁଡିକ ପ୍ରାକୃତିକ ଓ ମାନବକୃତ ଅବକ୍ଷୟରୁ ରକ୍ଷା ପାଇଁ ଲୁହାବାଡ଼ ଦେଇ ଆବଦ୍ଧ କରିବାକୁ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ଯଥାଶୀଘ୍ର ପଦକ୍ଷେପ ନେବାକୁ ସଭାରେ ମତପ୍ରକାଶ ପାଇଛି। ସେହିପରି ଐତିହାସିକ ଖୋର୍ଦ୍ଧା ଦୁର୍ଗର ଉତ୍ଖନନ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଗଲେ ଦୁର୍ଗ ଅଭ୍ୟନ୍ତରସ୍ଥ ପ୍ରାଚୀନ କୀର୍ତି ଲୋକଲୋଚନକୁ ଆସିପାରନ୍ତା। ଦୁଇ ଦଶନ୍ଧି ପୂର୍ବେ ସ୍ଥାନୀୟ ଲୋକଙ୍କ ଦାବୀ ଯୋଗୁ ଅତ୍ରି ହଟକେଶର ମନ୍ଦିର ଚୁନ ସିମେଣ୍ଟ ପଲସ୍ତରା ହୋଇଥିବାରୁ ଅଭ୍ୟନ୍ତରସ୍ଥ ସୁକ୍ଷ୍ମ କାରୁକାର୍ଯ୍ୟ ଲୋକଲୋଚନକୁ ଆସିପାରୁ ନାହିଁ। ପୁରୀ ଜଗନ୍ନାଥ ମନ୍ଦିର ଭଳି ଚୁନ ପଲସ୍ତରା କଢ଼ାଗଲେ ସୁନ୍ଦର କାରୁକାର୍ଯ୍ୟ ଦୃଶ୍ୟମାନ ହୁଅନ୍ତା ବୋଲି ଅତିଥିମାନେ କହିଥିଲେ।

ସେହିପରି ସଂଗ୍ରହାଳୟରେ ସଂରକ୍ଷିତ ୫ ହଜାରରୁ ୪ ହଜାର ବର୍ଷ ତଳର ନୂତନ ପ୍ରସ୍ତର ଯୁଗ, ମଧ୍ୟପ୍ରସ୍ତର ଯୁଗର ଶରମୁନା, କୁଠାର, ତାମ୍ରଯୁଗୀୟ ଚୁଡ଼ିର ଭଗ୍ନାଶ, ଉତରପ୍ରଦେଶ ବରେଲୀ ସନ୍ନିକଟ ଅହିଛତ୍ରର ପ୍ରାୟ ୫ହଜାର ବର୍ଷ ତଳର ପାତ୍ରାଂଶ, ଅଶୋକକାଳୀନ ମୃତିକା ଅଳଙ୍କାର, ଖେଳନା, ବୌଦ୍ଧସ୍ତୂପ, ପ୍ରାଚୀର ସଲଗ୍ନ ଜାଲି ଗବାକ୍ଷ, ତୃତୀୟ ଶତାବ୍ଦୀରେ ନୌବାଣିଜ୍ୟରୁ ଆନିତ ଚିନୀୟ ପୋର୍ସିଲିନ୍, ଷଷ୍ଠ ଶତାବ୍ଦୀର ଶୈଳୋଦ୍ଭବ କାଳୀନ ସ୍ଥାପତ୍ୟ ପ୍ରଭୃତି ଦେଖିଥିଲେ। କଲିକତା ଇଣ୍ଡିଆନ୍ ମ୍ୟୁଜିୟମ୍‌ରେ ଥିବା ୧୧ଶତାବ୍ଦୀର ଶାକ୍ୟମୁନି ବୁଦ୍ଧ, ଦିଲ୍ଲୀସ୍ଥ ନ୍ୟାସ୍‌ନାଲ୍ ମ୍ୟୁଜିୟମ୍‌ରେ ଥିବା ଶିବପାର୍ବତୀ, ବୁଦ୍ଧ ଓ ଆହ୍ଲାବାଦରେ ଥିବା କଲ୍ୟାଣ ସୁନ୍ଦର ମୂର୍ତୀର ପ୍ରତିରୂପ, ପଞ୍ଚଦଶ ଶତାବ୍ଦୀରେ ନେପାଳର ରାଜଦରବାରର କାଷ୍ଠ ନିର୍ମିତ ଶିବ ପାର୍ବତୀ, ଭୁଟାନ୍, ମିୟାମାଁର ପ୍ରଭୃତି ଦେଶର ମୃତ୍ତିକା ନିର୍ମିତ ମାନସିକ ସ୍ତୂପ, ଦ୍ୱାଦଶ ଶତାବ୍ଦୀର ଗଙ୍ଗ କୀର୍ତ୍ତି ଚୂଡ଼ଙ୍ଗ ଗଡ଼ର ଶସ୍ୟ, କେରଳର ଶବସାଇତା ମୃର୍ତିକା ପାତ୍ରର ଭଗ୍ନାଶ, ପଣ୍ଡିଚେରୀ ସନ୍ନିକଟ ଫରାସୀ ଉପନିବେଶ ଆଡ଼ିକମେଡୁର ଇଷ୍ଟକ, ବୀରଶିଳା, ପାଇକ ବିଦ୍ରୋହକାଳୀନ ଶିଶାଗୋଳା ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ଉତ୍ସବକୁ ଅର୍ଚିସ୍ମାନ ଦାସ ପରିଚାଳନା କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଗୀତାଞ୍ଜଳି ଦାସ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷାବିତ, ଆଇନଜିବି ପ୍ରମୁଖ ଉପସ୍ଥିତଥିଲେ।

## ■ ଅବକାରୀ ବିଭାଗ ଓ ପୁଲିସର ମିଳିତ ଚଢ଼ଉ

# ଦେଶୀ ମଦ ଓ ପୋଚ ଜବତ, ଜଣେ ଗିରଫ



**ବାଲୁଗାଁ, ୧୮।୪ (ସମିସ):** ବାଣପୁର ଅଞ୍ଚଳରେ ବେଆଇନ ମଦ ପ୍ରସ୍ତୁତ କରାଯାଇ ଦେଶୀ ମଦ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏହାକୁ ରୋକିବା ପାଇଁ ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଧର ପଗଡ଼ ମଧ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସକାଳୁ ଖୋର୍ଦ୍ଧା, ଟାଙ୍ଗୀ ଓ ବାଲୁଗାଁ ଅବକାରୀ ବିଭାଗ ସହ ବାଣପୁର ପୁଲିସ ପକ୍ଷରୁ ମିଳିତ ଭାବେ ବାଣପୁର ଥାନା ଅନ୍ତର୍ଗତ କୋଷରଡ଼ା ଓ ଦାଶରଥିପୁର ଗ୍ରାମର ମଦ ଭାଟି ଉପରେ ଚଢଉ କରାଯାଇ ମାଳ ଜଙ୍ଗଲ ଅଞ୍ଚଳରୁ ମଦ ପ୍ରସ୍ତୁତ ପାଇଁ ରଖା ଯାଇ ଥିବା ସମୁଦାୟ ୨୨ ହଜାର ଲିଟର ପୋଚ ସମେତ ଚୋରା ଚାଲାଣ ନିମନ୍ତେ ରଖା ଯାଇଥିବା ମୋଟ ୨୧ ଶହ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରି ଦିଆଯାଇଛି। ସେହିପର ବାଣପୁର ଦାଶରଥିପୁର ଗ୍ରାମର ବିଭିନ୍ନ ବେଆଇନ ମଦ ଭାଟି ଉପରେ ଚଢଉ କରି ସେଠାରେ ବେଆଇନ ଭାବେ ବିକ୍ରି କରୁଥିବା ୪୯ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ଚୋରା ମଦ କାରବାରରେ ସମ୍ପୃକ୍ତ ଜଣେ ମଦ ବେପାରୀଙ୍କୁ ଗିରଫ କରିଛି ପୁଲିସ। ଏନେଇ ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଜିଲ୍ଲା ମୋବାଇଲ ସ୍କ୍ୱାଡ୍ ଅଧିକାରୀ ତପସ୍ୱିନୀ ବରାଳ, ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ନାରାୟଣ ଜେନା, ବାଲୁଗାଁ ଅବକାରୀ ଅଧିକାରୀ ସ୍ମିତା ପଣ୍ଡା, ବାଣପୁର ଥାନା ଏଏସ୍‌ଆଇ ଅନିଲ ନାୟକଙ୍କ ସମେତ ବହୁ ଅବକାରୀ କର୍ମଚାରୀ ଓ ପୁଲିସ ସାମିଲ ଥିଲେ।

## ● ଗୋ ମାଂସ ଚାଲାଣ ସନ୍ଦେହରେ ଟ୍ରକ୍ ଅଟକ

# ଡ୍ରାଇଭର ସହ ୨ ଜଣଙ୍କୁ ଅଟକ ରଖି ତଦନ୍ତ

**ବାଲୁଗାଁ, ୧୮।୪(ସମିସ) :** ବାଲୁଗାଁ ବାଣପୁର ଥାନା ଅନ୍ତର୍ଗତ ଅଞ୍ଚଳରୁ ବେଧଡକ ଗୋରୁ ଚୋରା ଚାଲାଣ ହେଉଥିବା ସହ ଗୋ ମାଂସ ଚାଲାଣ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏହାକୁ ରୋକିବା ଲାଗି ପୁଲିସ ଓ ବଜରଙ୍ଗ ଦଳ କଡା ନଜର ରଖି ଧରପଗଡ଼ ମଧ୍ୟ କରୁଛନ୍ତି। ତଥାପି ଗୋ ମାଫିଆ ଏହାକୁ ଖାତିର ନକରି ଗୋରୁ ଓ ଗୋ ମାଂସ ଚୋରା ଚାଲାଣ ଚଳାଇଛନ୍ତି। ଏପରିସ୍ଥଳେ କଲିକତାରୁ ହାଇଦ୍ରାବାଦ ଅଭିମୁଖେ ଟ୍ରକ୍ ଯୋଗେ ଗୋ ମାଂସ ଚୋରା ଚାଲାଣ ହେଉଥିବା ନେଇ ବଜରଙ୍ଗ ଦଳର କର୍ମକର୍ତ୍ତା ଖବର ପାଇ ସନ୍ଦେହରେ ଏକ ଟ୍ରକ୍‌କୁ ପିଛା କରିବା ସହ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ନାଚୁଣୀ ପୁଲିସ ମଧ୍ୟାହ୍ନରେ ନାଚୁଣୀ ଥାନା ଅଞ୍ଚଳରୁ ଉକ୍ତ ଟ୍ରକ୍‌କୁ ଜବତ କରି ଥାନାକୁ ଆଣି ଟ୍ରକ୍ ଚାଳକ ସହ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ଟ୍ରକ୍‌କୁ ତଲାସିବାରୁ ସେଥି ମଧ୍ୟରେ ବୋଝେଇ ହୋଇଥିବା ପେଟିରେ ମାଂସ ଥିବା ଜଣାପଡ଼ିଛି। ପୁଲିସ ସେଥିରୁ ମାଂସ ନମୁନା ପରୀକ୍ଷା ପାଇଁ ପ୍ରାଣୀ ବିଭାଗକୁ ପଠାଇଛି। ରିପୋର୍ଟ ଆସିଲେ ଉକ୍ତ ମାଂସ ଗୋ ମାଂସ ବୋଲି ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।



# ସର୍ଟ ସର୍କିଟ୍‌ରୁ ଜଳିଗଲା ୫ ବଖରା

**ବେଗୁନିଆ, ୧୮।୪(ସମିସ):** ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ପଞ୍ଚାୟତ ଲାଖପଡ଼ା ଗ୍ରାମରେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ୮ ବଖରା ସମେତ ଆସବାପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଚିନ୍ତାମଣି ବେହେରାଙ୍କ ୩ ବଖରା, ଜଳଧର ବେହେରାଙ୍କ ୩ ବଖରା, ଦେବରାଜ ବେହେରା ୧ ବଖରା ଓ ଭଗବାନ ବେହେରାଙ୍କ ୧ ବଖରା ଘରର ନିତ୍ୟ ବ୍ୟବହାର୍ଯ୍ୟ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରଚଣ୍ଡ ରୌଦ୍ରତାପରେ ଯୋଗୁଁ ଲୋକମାନେ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିବା ବେଳେ ରଣପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବେଗୁନିଆ ତହସିଲଦାର ତାପସ ବିଶିଙ୍କୁ ପଚାରିବାରୁ ରାଜସ୍ୱ ନୀରିକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିଛନ୍ତି ବୋଲି କହିବା ସହ ଆସନ୍ତାକାଲି ଅଗ୍ନିବିପନ୍ନ ପରିବାରକୁ ପ୍ରଶାସନିକ ସ୍ତରରେ ସହଯୋଗ ପ୍ରଦାନ କରାଯିବ। ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି।

# ପଥର ବୋଝେଇ ଟ୍ରକ୍ ଜବତ: ଡ୍ରାଇଭର ଗିରଫ

**ନିରାକାରପୁର, ୧୮।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କ ନିକଟ ମାଲୁଣୀ ପୋଖରୀ ପାଖରୁ ନିରାକାରପୁର ପୁଲିସ ଗୋଟିଏ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଗୋଟିଏ ମାଙ୍କଡ଼ା ପଥର ବୋଝେଇ ଟ୍ରକ ନଂ ଓଆର ୦୨ ଏୱାଇ ୩୯୭୫ ଜଗନ୍ନାଥ ସଡ଼କରେ ଆସୁଥିବା ବେଳେ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ପଇଁତରା ମାରୁଥିବା ପୁଲିସ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ପଥର ଚୋରା ଚାଲାଣ ହେଉଥିବାରୁ ଗାଡ଼ିକୁ ଜବତ କରି ଡ୍ରାଇଭର ବନମାଳୀ ଦାଶକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଅରବିନ୍ଦ ରାଉଳ ଜଣାଇଛନ୍ତି।



# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜଳଛତ୍ର

**ନିରାକାରପୁର, ୧୮।୪(ସମିସ):** ପ୍ରଚଣ୍ଡ ରୌଦ୍ରତାପରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲୋକେ ବାଟ ରେ ଘାଟ ରେ ବିଶୁଦ୍ଧ ପାଣି ଟିକେ ପିଇବା ପାଇଁ ପାଉ ନଥିବାରୁ ଛଟପଟ ହେଉଛନ୍ତି। ଏହାକୁ ଅନୁଭବ କରି ବାଟୋଇ ଙ୍କୁ ପିଇବା ପାଣି ଦେବା ଉଦ୍ଦେଶ୍ୟରେ ନିରାକାରପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଷ୍ଟେସନ ରୋଡ ସ୍ଥିତ ତାରିଣୀ ମଣ୍ଡପରେ ଏକ ଜଳ ଛତ୍ର ଖୋଲାଯାଇଛି। କାର୍ଯ୍ୟକ୍ରମରେ ସଂଘ ସଭାପତି ପ୍ରସନ୍ନ କୁମାର ନନ୍ଦ, ସମ୍ପାଦକ ଦୀନବନ୍ଧୁ କର, କୋଷାଧ୍ୟକ୍ଷ ସର୍ବେଶ୍ୱର ପାହାଡସିଂହ ଓ ଉପସଭାପତି ସତ୍ୟନାରାୟଣ କର ପ୍ରମୁଖଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟ ସହଯୋଗ କରିଥିଲେ।



# ମାମୁଁ ଭଣଜା ପାହାଡ଼ରେ ଶ୍ରୀରାମ ଜନ୍ମମହୋତ୍ସବ

**ବାଲୁଗାଁ, ୧୮।୪ (ସମିସ);** ବାଲୁଗାଁ ଉତ୍ତର ଦିଗର ପ୍ରବେଶପଥ ପାର୍ଶ୍ୱସ୍ଥିତ ଐତିହାସିକ ମାମୁଁ-ଭଣଜା ପାହାଡ଼ ପାଦ ଦେଶରେ ସୁନ୍ଦରଗଡ଼ ରାଣୀ ଚନ୍ଦ୍ରମୁଖିଙ୍କ ଦ୍ୱାରା ଗଢ଼ି ଉଠିଥିବା କାରୁକାର୍ଯ୍ୟ ପୂର୍ଣ୍ଣ ସୌନ୍ଦର୍ଯ୍ୟମୟ ମା'ବିନ୍ଧ୍ୟ ବାସିନୀ ଦେବୀ ଦୁର୍ଗାଙ୍କ ମନ୍ଦିର ସହିତ ମହାପ୍ରଭୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ମନ୍ଦିର ଅବସ୍ଥିତ। ଏହି ଐତିହାସିକ ମାମୁଁ -ଭଣଜା ପାହାଡ ଶୀର୍ଷରେ ସୀତା ମା'ଙ୍କ ମନ୍ଦିର ସହ ଏକ ଗୁମ୍ଫା ରହିଛି। ଏଠାକୁ ବର୍ଷ ତମାମ ପର୍ଯ୍ୟଟକଙ୍କ ଆଗମନ ଲାଗି ରହୁଛି। ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ର ପାହାଡର ପାଦ ଦେଶରେ ପୂଜା ପାଉଥିବା ବେଳେ ଏଠାରେ ମହା ଆଡମ୍ବରରେ ଶ୍ରୀରାମ ଜନ୍ମମହୋତ୍ସବ ପାଳିତ ହୋଇଯାଇଛି।



ଅଶୋକାଷ୍ଟମୀ ତିଥିରେ ଶୁଭ ଅଧିବାସ ପରେ ନାମଯଜ୍ଞ ଆରମ୍ଭ ହୋଇ ବୁଧବାର ରାମନବମୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବହୁସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁ ଶ୍ରୀରାମଙ୍କ ଜନ୍ମମହୋତ୍ସବ ପାଳନ କରିଥିବା ବେଳେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନିକଟ ଗ୍ରାମ ସିଙ୍ଗେଶ୍ୱର ଗ୍ରାମବାସୀଙ୍କ ସମେତ ମନ୍ଦିରର ମୁଖ୍ୟ ପୂଜକ ପ୍ରକାଶ ସାମନ୍ତରାୟ ଓ ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ରହି ସୁପରିଚାଳନା କରିଥିଲେ। ସେହିପରି ଏହି ମାମୁଁ-ଭଣଜା ପାହାଡ଼ ପାଦ ଦେଶ ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ ସମାରୋହରେ ପାଳିତ ହୋଇଛି। ଏହି ଅବସରରେ ମାନସିକ କଳସସ୍ଥାପନ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ନାମଯଜ୍ଞ, ଘୃତଜଜ୍ଞ ଓ ଦେବଯଜ୍ଞ ଅନୁଷ୍ଠିତ ହୋଇଥିଲା ପରେ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ପ୍ରତିଷ୍ଠାତା ଓ ସଂଗଠକ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକଙ୍କ ସମେତ ସଂସ୍ଥାନର ସଦସ୍ୟ ବୃନ୍ଦ ଯୋଗଦାନ କରି ସହଯୋଗ କରିଥିଲେ। ଗ୍ରାମ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଲୋକ ଶ୍ରୀରାମ ମହୋତ୍ସବରେ ସାମିଲ ହୋଇ ପ୍ରସାଦ ସେବନ କରି ପ୍ରଭୁଙ୍କ ଆଶିର୍ବାଦ ଲାଭ କରିଥିଲେ।

# ବିଭିନ୍ନ ସ୍ଥାନରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ, ୧୮।୪(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ମା' ମହିଷା ମର୍ଦ୍ଦିନଙ୍କ ପୀଠରେ ଦ୍ୱାଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଛି। ବୈଦିକ ରୀତିନୀତି ଅନୁଯାଇ ଅଙ୍କୁରାରୋପଣ, ମଣ୍ଡଳକରଣ, କଳସ ଯାତ୍ରା, ବ୍ରାହ୍ମଣ ବରଣ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା ଓ ଶିବ ମନ୍ତ୍ରରେ ଆହୁତି ପ୍ରଦାନ, ଚଣ୍ଡୀ ଆହୁତି ଓ ପୂର୍ଣ୍ଣାହୁତି ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା। ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ ଓ ସମାଜସେବିକା ବାଉରୀ ଶ୍ରୀ ଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ସେହିପରି ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ସୁଆଁଳ ଗ୍ରାମସ୍ଥିତ ଶ୍ରୀ ଦଧିବାମନ ଦେବଙ୍କ ପୀଠରେ ଦ୍ୱିତୀୟ ବାର୍ଷିକ ଯଜ୍ଞ ଉତ୍ସବ ଯଜ୍ଞ ବିଶାରଦ ଚିନ୍ତାମଣି ଦାଶ ଶର୍ମାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବୈଦିକ ରୀତିରେ ସମସ୍ତ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏତଦ ବ୍ୟତୀତ ବେଗୁନିଆ ଥାନା ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ତୁଳସୀବେରଣା ଗ୍ରାମସ୍ଥିତ ଶ୍ରୀମହାବୀରଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ବୈଦିକ ରୀତିରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



# ଶ୍ରୀ ରଙ୍ଗନାଥ ଦେବଙ୍କ ରଘୁନାଥ ନୀତିକାନ୍ତି

**ବାଲୁଗାଁ, ୧୮।୪(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀରଙ୍ଗନାଥ ଦେବଙ୍କ ଚୈତ୍ର ମାସ ଶୁକ୍ଳ ପକ୍ଷ ତଥା ପବିତ୍ର ଶ୍ରୀରାମ ନବମୀ ଅବସରରେ ବୁଧବାର ପ୍ରଭୁଙ୍କ ରଘୁନାଥ ବେଶ ଅନୁଷ୍ଠିତ ହୋଇଯାଇଛି। ଏହି ବେଶରେ ଶ୍ରୀଜିଉ ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରିବା ସହ ହସ୍ତରେ ଧନୁ ଓ ତୀର ଧାରଣ କରି ଦର୍ଶନ ଦେଇଛନ୍ତି। ଭୋରୁ ମହାପ୍ରଭୁଙ୍କ ଦ୍ୱାର ଫିଟା, ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ଶ୍ରୀଜୀଉ ଅଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ ପରିଧାନ କରି ରଘୁନାଥ ବେଶ ଧାରଣ କରିଥିଲେ। ପରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ଆଳତୀ ସାରି ଶ୍ରୀ ରଙ୍ଗନାଥ ଦେବ ରତ୍ନସିଂହାସନରେ ରଘୁନାଥ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ମନୋଲୋଭା ବେଶ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଭୁଙ୍କ ଏହି ଅପୂର୍ବ ବେଶ ଦର୍ଶନ କରି ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମନେ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର, ଦାସରଥି ସାହୁ, ସୋମନାଥ ହୋତା, ବାଳମୁକୁନ୍ଦ ଦାସ ଓ ସତ୍ୟଶିବ ତ୍ରିପାଠୀ ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଥିଲେ।



## ● କୋଠ ଟଙ୍କା ଆଦାୟକୁ ନେଇ ବିବାଦ

# ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

**ଟାଙ୍ଗୀ, ୧୮।୪(ସମିସ):** କୋଠ ଟଙ୍କା ଆଦାୟକୁ କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବକ ଜଣକ ଗୁରୁତର ହୋଇ ଭୁବନେଶ୍ୱର ମେଡିକାଲରେ ଚିକତ୍ସା ଲାଗି ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଟାଙ୍ଗୀ ଥାନାରେ ଲିଖିତ ଏତଲା ଦିଆଯାଇଛି। ଦିଆଯାଇଥିବା ଲିଖିତ ଏତଲାରୁ ଜଣାଯାଏ ଯେ ଗତ ୧୭ ତାରିଖ ଦିନ ଟାଙ୍ଗୀ ଥାନା ଅଧିନସ୍ଥ ମଙ୍ଗଳାଯୋଡି କାରଟିଆ ସାହିର କାଶୀନାଥ ବେହେରାଙ୍କ ପୁଅ ସୁବାସ ସହିତ ସେହି ଗ୍ରାମର ଚୈତନ୍ୟ ବେହେରାଙ୍କ ପୁଅ ତ୍ରିନାଥ ସହିତ ଗ୍ରାମର କୋଠ ଟଙ୍କା ଆଦାୟକୁ ନେଇ ଯୁକ୍ତିତର୍କ ହୋଇଥିଲା।୧୮ ତାରିଖ ସକାଳ ୯ ଘଟିକା ସମୟରେ କାଶୀନାଥଙ୍କ ସାନପୁଅ ସମୀର ଘରୁ ଖାଇସାରି ଦାଣ୍ଡକୁ ବାହାରିବା ବେଳେ ତ୍ରିନାଥ ବେହେରାଙ୍କ ପୁଅ ଗୋପାଳ (ଚନ୍ଦା )ହାତରେ ଧରିଥିବା ଛୁରିରେ ସମୀର ର ବେକକୁ କାଟିଦେଇଥିଲା। ଘଟଣା ସ୍ଥଳରେ ସମୀର ପଡ଼ିଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ଗ୍ରାମର କିଛି ବ୍ୟକ୍ତିଙ୍କ ସହଯୋଗରେ ସମୀରକୁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଂକଟପନ୍ନ ହେବାରୁ ସମୀରକୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ରକ୍ତାକ୍ତ କରିବା ପରେ ପୁନର୍ବାର ତ୍ରିନାଥ ବେହେରା ଓ ତାର ପୁଅ ତୁଷାର ବେହେରା, ତ୍ରିନାଥ ବେହେରାଙ୍କ ସ୍ତ୍ରୀ ତଅପୋଇ ବେହେରା ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ସମୀରଙ୍କ ମାଆ କଲ୍ୟାଣୀ ବେହେରା ଲିଖିତ ଏତଲାରେ ଦର୍ଶାଇଥିବା ଜଣାପଡ଼ିଛି। ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କୁ ପଚରାଯିବାରୁ ସମୀରର ସ୍ୱାସ୍ଥ୍ୟବସ୍ଥା ନିୟନ୍ତ୍ରଣଧୀନ ରହିଥିବା ସୂଚନା ଦେବାସହ ଘଟଣାର ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।



## ତାତି ବଢୁଛି: ଜଙ୍ଗଲ ଜଳୁଛି

# କମାଗୁରୁ ଓ ଡମଣଭୂମିରେ ଜଳିଗଲା ୩୦ ଏକରରୁ ଅଧିକ ଜଙ୍ଗଲ

**ନିରାକାରପୁର, ୧୮।୪(ସମିସ)**

ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହିତ ତାତି ବଢୁଥିବା ବେଳେ ବହୁ ଜାଗାରେ ଜଙ୍ଗଲରେ ନିଆଁ ଲାଗି ଜଳୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଗୁରବାର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଦୁଇଟି ସ୍ଥାନରେ ନିଆଁ ଲାଗି ପ୍ରାୟ ୩୦ ଏକରରୁ ଅଧିକ ଜଙ୍ଗଲ ପୋଡିଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ କି ଜଙ୍ଗଲ ମଧ୍ୟରେ ୩୩ କେଭି ବିଦ୍ୟୁତ୍ ତାର ଯାଇଥିବା ବେଳେ ଆଜି ଦିନ ବେଳା ପ୍ରଥମେ କମାଗୁରୁ ଆକାସିଆ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ନିଆଁ ଦୃତଗତିରେ ବ୍ୟାପି ଯାଇଥିଲା। ଖବର ପାଇ ଟାଙ୍ଗୀ ଦମକଳବାହିନୀ ପହଁଞ୍ଚôଚ ନିଆଁକୁ ଆୟତ କରିଥିଲେ। ତଥାପି ଅଗ୍ନିକାଣ୍ଡରେ ପ୍ରାୟ ଏକର ଜଙ୍ଗଲ ପଟାସିଆ ଗଛ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ସେହିପରି ଦିନ ୧୨ ଟା ବେଳେ ଡମଣଭୂମି ପଟାଖାଲ ଟାଙ୍ଗୀ ସାହି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ନିଆଁ ତୁରନ୍ତ ବ୍ୟାପି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗ୍ରାମର ଲୋକନାଥ ଭୋଳ, ଗଦାଧର ଭୋଳ, କପିଳ ଭୋଳ, ରାଧାକାନ୍ତ ଭୋଳ, ନବକିଶୋର ଭୋଳ ଓ ତାଙ୍କ ଭାଇ ମାନଙ୍କର, ଦାମୋଦର ଭୋଳ, ଜମ୍ବେଶ୍ୱର ଭୋଳ, ରାଘବ ଭୋଳ, ନିରଞ୍ଜନ ଭୋଳ, ଦୁଃଶାସନ ଭୋଳ, ଜୟଦେବ ଭୋଳ ଓ ଅର୍ଜୁନ ଭୋଳ ସମେତ ଆଉ କିଛି ବ୍ୟକ୍ତିଙ୍କର ଆମ୍ବ, ପଣସ, ପଟାସ, କାଜୁ ଓ ଅକସିଆ ଭଳି ବିଭିନ୍ନ ମୂଲ୍ୟବାନ ଗଛ ପୋଡିଯାଇଛି। ଖବର ପାଇ ଟାଙ୍ଗୀ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ବୋଲି ଦମକଳ ବାହିନୀ ଅଧିକାରୀ ବିକେ ଦାସ ଜଣାଇଛନ୍ତି। ଜଙ୍ଗଲରେ ଯାଇଥିଲା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ତଳେ ଥିବା ଗଛ ଡାଳ କରିବା ଦାୟିତ୍ୱ ବିଦ୍ୟୁତ୍ ବିଭାଗ ନେବା କଥା ବୋଲି ଲୋକେ ଦାବି କରିଛନ୍ତି।



